


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୦ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 10 JULY 2021

Vol.No. 32 ■ No. 174 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଅକ୍ସିଜେନ ଯୋଗାଣ ନେଇ ସରିଲା ଉଚ୍ଚସ୍ତରୀୟ ବୈଠକ

## ଅଧିକାରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଲେ ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ,୦୮/୦୭: ସାରା ଦେଶରେ ଅକ୍ସିଜେନର ଉପଲବ୍ଧତା ବଢାଇବା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧିକାରୀମାନେ ଦେଶରେ ଅକ୍ସଜେନ ଯୋଗାଣ ଓ ଅକ୍ସିଜେନ ପ୍ଲାଣ୍ଟ ସ୍ଥାପନା ନେଇ ସୂଚନା ଦେଇଛନ୍ତି । ଅଧିକାରୀମାନେ କହିଛନ୍ତି କି ସାରା ଦେଶକୁ ୧୫୦୦ ରୁ ଅଧିକ ପିଏସଏ ଅକ୍ସିଜେନ ପ୍ଲାଣ୍ଟ ଆସୁଛି । ଯାହା ମଧ୍ୟରେ ପିଏମ କେୟାର୍ସ ସହ ବିଭିନ୍ନ ମନ୍ତ୍ରଣାଳୟର ଯୋଗଦାନ ରହିଛି । ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ କହିଛନ୍ତି କି ପିଏମ କେୟାର୍ସ ଫଣ୍ଡରୁ ଆସୁଥିବା ଅକ୍ସିଜେନ ପ୍ଲାଣ୍ଟସବୁ ରାଜ୍ୟର ସବୁ ଜିଲ୍ଲାରେ ସ୍ଥାପନା କରାଯିବ । ଏହି ସବୁ ପ୍ଲାଣ୍ଟ ଉତ୍ପାଦନ ଆରମ୍ଭ କଲେ ୪ ଲକ୍ଷରୁ ଉର୍ଦ୍ଧ ଅକ୍ସିଜେନ ଯୁକ୍ତ ବେଡ ପାଇଁ ପର୍ଯ୍ୟାପ୍ତ ଅକ୍ସିଜେନ ଯୋଗାଯାଇ ପାରିବ । ଏହି ବୈଠକରେ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ଖୁବଶୀଘ୍ର ଅକ୍ସିଜେନ ପ୍ଲାଣ୍ଟରୁ ଉତ୍ପାଦନ ଆରମ୍ଭ କରାଯାଉ ଓ ସବୁ ରାଜ୍ୟସରକାରଙ୍କ ସହ ମିଶି କାମ କରିବାକୁ ପ୍ରଧାନମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାସହ ଅକ୍ସିଜେନ ପ୍ଲାଣ୍ଟକୁ ଠିକରେ ସଂଚାଳନ କରିବା ଓ ଦେଖାରଖା କରିବାକୁ ପର୍ଯ୍ୟାପ୍ତ ପରିମାଣର କର୍ମଚାରୀ ନିଯୁକ୍ତ କରିବାକୁ ପ୍ରଧାନମନ୍ତ୍ରୀ କହିଥିବା ବେଳେ ଅଧିକାରୀମାନେ କହିଛନ୍ତି କି ବିଶେଷଜ୍ଞ ମାନଙ୍କ ଦ୍ୱାରା ଏକ ପ୍ରଶିକ୍ଷଣ ମଡେଲ ପ୍ରସ୍ତୁତ କରାଯାଇଛି । ଯିଏ କି ସାରା ଦେଶରେ ୮୦୦୦ ଲୋକଙ୍କୁ ପ୍ରଶିକ୍ଷିତ କରିବାକୁ ଲକ୍ଷ୍ୟ ରଖିଛି । ପ୍ରଧାନମନ୍ତ୍ରୀ କହିଛନ୍ତି କି ସ୍ଥାନୀୟ ଓ ରାଷ୍ଟ୍ରୀୟ ସ୍ତରରେ ଅକ୍ସିଜେନ ପ୍ଲାଣ୍ଟ ଗୁଡିକର ପ୍ରଦର୍ଶନ ଓ ରକ୍ଷାବେକ୍ଷଣ କରିବାକୁ ଆଇଓଟି ଭଳି ଅନ୍ୟ ଟେକନିକ୍ ଉପଯୋଗ କରିବା ଦରକାର । ଅକ୍ସିଜେନ ପ୍ଲାଣ୍ଟର ପ୍ରଦର୍ଶନ ଉପରେ ନଜର ରଖିବାକୁ ଆଇଓଟି ସହ ଏକ ପାଇଲଟ ଟିମ ବାବଦରେ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ, କ୍ୟାବିନେଟ୍ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ଅନ୍ୟ ମହତ୍ୱପୂର୍ଣ୍ଣ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଇପିଏସ ସ୍ତରରେ ଅଦଳବଦଳ



ଭୁବନେଶ୍ୱର,୦୮/୦୭ (ନି.ପ୍ର): ରାଜ୍ୟ ସରକାର ଶୁକ୍ରବାର ଆଇପିଏସ ସ୍ତରରେ ଅଦଳବଦଳ କରିଛନ୍ତି। ଏହା ଦ୍ୱାରା ୬ ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ମିଳିଛି। ଏଥିନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁସାରେ, କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ୧୯୯୮ ବ୍ୟାଚ୍ ଆଇପିଏସ ଏସ୍ ଦେବଦତ ସିଂଙ୍କୁ ପୋଲିସ ମୁଖ୍ୟାଳୟର ଆଇଜି ଭାବେ ଅବସ୍ଥାପିତ କରା ଯାଇଥିବାବେଳେ ଜଗତସିଂହପୁର ଏସପି ପ୍ରକାଶ ଆରଙ୍କୁ ଭିଜିଲାନ୍ସ ଏସପି ଭାବେ ବଦଳି କରାଯାଇଛି। ସେହିପରି ଏସଓଜି କମାଣ୍ଡାଂଟ ୨୦୦୯ ବ୍ୟାଚ୍ ଆଇପିଏସ ଅଖିଳେଶ୍ୱର ସିଂଙ୍କୁ ଜଗତସିଂହପୁର ପୁଲିସ ଏସପି, ୨୦୧୩ ବ୍ୟାଚ୍ ଆଇପିଏସ୍ ପିଏସ ପୁରୁଷୋତମଦାସଙ୍କୁ ନବରଙ୍ଗପୁର ଏସପି, ୨୦୧୫ ବ୍ୟାଚ୍ ଆଇପିଏସ୍ ରାହୁଲ ଜୈନଙ୍କୁ ବରଗଡ଼ ପୁଲିସ ଏସପି, ୨୦୧୫ ବ୍ୟାଚ୍ ଆଇପିଏସ ପ୍ରତ୍ୟୁଷ ଦିବାକରଙ୍କୁ ନୂଆପଡ଼ା ଏସପି, ୨୦୧୬ ବ୍ୟାଚ୍ ଆଇପିଏସ୍ କେ ଆର ଦ୍ୟାନଦେଓଙ୍କୁ ମୟୂରଭଞ୍ଜ ଏସପି ଓ ୨୦୧୭ ବ୍ୟାଚ୍ ଆଇପିଏସ୍ ପିଏସ ମୀନାଙ୍କୁ ମାଲକାନଗିରି ଏସପି ଭାବେ ବଦଳି କରାଯାଇଛି।

# ଜୁଲାଇ ୩୧ ସୁଦ୍ଧା ଯୁକ୍ତ ୨ ରେଜଲ୍ଟ



ଭୁବନେଶ୍ୱର,୦୮/୦୭ (ନି.ପ୍ର): ଜୁଲାଇ ୩୧ ତାରିଖ ଭିତରେ ପ୍ରକାଶ ପାଇପାରେ ଯୁକ୍ତ ଦୁଇ ରେଜଲ୍ଟ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଦାଶ କହିଛନ୍ତି, ପୂର୍ବରୁ ଆମେ ଅଗଷ୍ଟ ଦ୍ୱିତୀୟ ସପ୍ତାହ ସୁଦ୍ଧା ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ ପାଇବ ବୋଲି କହିଥିଲୁ। କିନ୍ତୁ ସୁପ୍ରିମ୍ କୋର୍ଟ ଜୁଲାଇ ୩୧ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ କହିଛନ୍ତି। ତେଣୁ ଜୁଲାଇ ୩୧ ତାରିଖ ଭିତରେ ରେଜଲ୍ଟ ପ୍ରକାଶ କରିବାକୁ ଆମେ ଚେଷ୍ଟା କରୁଛୁ। ଯଦି କିଛି ସମସ୍ୟା ହେଲା, ତା'ହେଲେ ଦିନେ ଦୁଇ ଦିନ ବିଳମ୍ବ ହୋଇପାରେ। କରୋନା ଯୋଗୁ ଏଥର ମାଟ୍ରିକ୍ ଭଳି ଯୁକ୍ତ ଦୁଇର ମଧ ପରୀକ୍ଷା ହୋଇନାହିଁ। ତେଣୁ ମାଟ୍ରିକ୍ ଭଳି ବିକଳ୍ପ ବ୍ୟବସ୍ଥା ଯୋଗେ ଯୁକ୍ତ ଦୁଇ ରେଜଲ୍ଟ ପ୍ରକାଶ କରାଯିବ ବୋଲି ସେ କହିଛନ୍ତି।

# ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଟାଉନରେ ଲାଗିବ କର୍ଫ୍ୟୁ



ପୁରୀ,୦୮/୦୭(ନି.ପ୍ର): ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ଟାଉନରେ ଲାଗିବ କର୍ଫ୍ୟୁ । ୧୧ ତାରିଖ ରାତି ୮ଟାରୁ ୧୩ ତାରିଖ ରାତି ୮ଟା ଯାଏଁ କର୍ଫ୍ୟୁ । ଏହି ସମୟରେ ବଡଦାଣ୍ଡରେ ଗାଡି ଚଳାଚଳ ଉପରେ କଟକଣା । ବଡଦାଣ୍ଡରେ ଔଷଧ ଦୋକାନ ଖୋଲିବା ଉପରେ ମଧ୍ୟ ଲାଗିଛି କଟକଣା । ଏହି ସମୟରେ ବ୍ୟାଙ୍କ ଓ ଅନ୍ୟାନ୍ୟ ଅଫିସ ମଧ୍ୟ ବନ୍ଦ ରହିବ । ୧୦ ତାରିଖ ସୁଦ୍ଧା ଅତିଥି ହୋଟେଲ, ଧର୍ମଶାଳା ଓ ଲଜ ଛାଡିବେ । ହେଲେ ଖାଦ୍ୟ, ସଉଦା, ପନିପରିବା, କ୍ଷୀର ହୋମ ଡେଲିଭରି ହୋଇପାରିବ । କେବଳ ପୁରୀ ସହର ପାଇଁ ଏହି ନିୟମ ଲାଗୁ ହେବ । ଅନ୍ୟ ଜିଲ୍ଲା ପାଇଁ ଏହି ନିୟମ ଲାଗୁ ହେବନି ।

### ଉପକୂଳରେ ବଢୁଛି ସଂକ୍ରମଣ, ସର୍ଭେଲାନ୍ସ ଓ ଟେଷ୍ଟିଂ ଉପରେ ଫୋକସ୍

# ୧୫ରୁ ଗର୍ଭବତୀଙ୍କୁ ଟିକା



ଭୁବନେଶ୍ୱର,୦୮/୦୭ (ନି.ପ୍ର): କରୋନା ପଜିଟିଭ୍ ହାର ୫ ପ୍ରତିଶତ ଉପରେ ରହୁଥିବାରୁ ଏଣିକି ସର୍ଭେଲାନ୍ସ ଓ ଟେଷ୍ଟିଂ ଉପରେ ଫୋକସ୍ କରାଯିବ । ବିଭିନ୍ନ ବସ୍ତି ଅଂଚଳ, ଯେଉଁଠି ସଂକ୍ରମଣ ବଢୁଛି, ସେସବୁ ସ୍ଥାନରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଭାଗ ଗୁରୁତ୍ୱ ଦେଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ଧିରେ ଧିରେ ରାଜ୍ୟରେ ସଂକ୍ରମଣ କମୁଥିବା ବେଳେ ଭୁବନେଶ୍ୱର, ମୟୂରଭଞ୍ଜ ଓ ଅନ୍ୟ ୩ଟି ଉପକୂଳ ଜିଲ୍ଲାରେ ସଂକ୍ରମଣ ବୃଦ୍ଧି ପାଇବା ଚିନ୍ତାର କାରଣ । ଆଜି ପଜିଟିଭ୍ ହାର ୩ ପ୍ରତିଶତକୁ କମିଥିବା ବେଳେ ମୟୂରଭଞ୍ଜରେ ସର୍ବାଧିକ ପଜିଟିଭ୍ ହାର ୧୭ ପ୍ରତିଶତ ରହିଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ୧୫ ତାରିଖ ପରେ ଗର୍ଭବତୀ ମାନଙ୍କୁ ଟିକାକରଣ ଆରମ୍ଭ ହେବ । ଯେଉଁ ଜିଲାରେ ଯେଉଁ ଟିକା ଦିଆଯାଉଛି ସେହି ଟିକା ଦିଆଯିବ । ଆଜି ଏ ନେଇ ଗାଇଡଲାଇନ୍ ଜାରି ହେବ। ୧୫ ତାରିଖ ପୂର୍ବରୁ ଏଏନଏମ, ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ତାଲିମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଜି ସକାଳେ ୧ ଲକ୍ଷ ୭୩ ହଜାର କୋଭାକ୍ସିନ ଟିକା ପହଂଚିଛି । ଟିକା ଅଭାବରୁ ୫ ଜିଲ୍ଲାରେ ଆଜି ଟିକାକରଣ ବନ୍ଦ ରହିଛି ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ।

# ୩୨ ଲକ୍ଷ ମନରେଗା ଶ୍ରମିକଙ୍କୁ ୩୫୨ କୋଟି ଟଙ୍କାର ସ୍ୱତନ୍ତ୍ର ସହାୟତା

### ୩ ମାସ ପାଇଁ ପ୍ରତ୍ୟେକ ଦିନର ମଜୁରୀ ସହିତ ଅଧିକ ୫୦ ଟଙ୍କା ମିଳିଲା



ଭୁବନେଶ୍ୱର,୦୮/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନଫରେନସିଙ୍ଗ ଜରିଆରେ ରାଜ୍ୟର ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ନିୟୋଜିତ ଶ୍ରମିକ ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ଏପ୍ରିଲରୁ ଜୁନ ମାସ ପର୍ଯ୍ୟନ୍ତ ଏହି ତିନିମାସ ମଧ୍ୟରେ କାମ କରିଥିବା ଶ୍ରମିକ ମାନଙ୍କୁ ସେମାନଙ୍କର ପ୍ରତ୍ୟେକ ଦିନର ମଜୁରି ସହିତ ଆଉ ଅତିରିକ୍ତ ୫୦ ଟଙ୍କା ପ୍ରଦାନ କରାଗଲା। ଏହା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟରେ ଜମା କରାଗଲା । ଏହାଦ୍ୱାରା ପ୍ରତ୍ୟେକ ଶ୍ରମିକ ୪୫୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ମଜୁରି ପାଇଛନ୍ତି । ସମୁଦାୟ ୩୨ ଲକ୍ଷ ଶ୍ରମିକ ୩୫୨ କୋଟି ଟଙ୍କାର ସହାୟତା ପାଇଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଗରିବ ଲୋକଙ୍କ ପାଇଁ ମୋ ହୃଦୟରେ ସବୁବେଳେ ସ୍ୱତନ୍ତ୍ର ସ୍ଥାନ ରହିଛି । ଗରିବ ଲୋକଙ୍କ କାର୍ଯ୍ୟକ୍ରମ ମୋତେ ଅଧିକ ସନ୍ତୋଷ ଦେଇଥାଏ ଏବଂ ଆଜିର ଏହି ସହାୟତା ସେମାନଙ୍କ ପରିବାରର ଆର୍ଥିକ ଅସୁବିଧା ଦୂର କରିବାରେ ସାହାଯ୍ୟ କରିବା ବୋଲି ଆଶା ପ୍ରକାଶ କରିଥିଲେ । ଗରିବ ଲୋକଙ୍କ ପାଇଁ ଏହିପରି ଉଦ୍ୟମ ଜାରି ରହିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଜିଲ୍ଲା ସ୍ତରରେ ଅଧିକ ଶ୍ରମଦିବସ ସୃଷ୍ଟି କରି ଗରିବ ଲୋକଙ୍କ ▶▶ପୃଷ୍ଠା ୭

# ନୂଆ ଜାତୀୟ ଶିକ୍ଷା ନୀତିର ଅଗ୍ରଗତି ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାବରେ ନୂଆ ଦାୟିତ୍ୱ ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ସ୍ୱୟଂଶାସିତ ସଂସ୍ଥା ମାନଙ୍କ ସହିତ ଆଲୋଚନା କରିବା ସହ ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦(ଏନ୍ଇପି) କାର୍ଯ୍ୟକାରୀର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଡା. ସୁବାଷ ସରକାର, ଅନ୍ନପୂର୍ଣ୍ଣା ଦେବୀ, ରାଜକୁମାର ରଞ୍ଜନ ସିଂହଙ୍କ ସହ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ସ୍ୱୟଂଶାସିତ ସଂସ୍ଥା ଗୁଡ଼ିକ ସହ ସାକ୍ଷାତ୍ ଆଲୋଚନା ହେଲା। ଏହି ଅବସରରେ ନୂଆ ଶିକ୍ଷା ନୀତିର କାର୍ଯ୍ୟକାରୀ ସହ ଦେଶରେ ଥିବା ୩୦ କୋଟି ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜଳ କରିବା ପାଇଁ କ'ଣ ପଦକ୍ଷେପ ନିଆଯିବ ତାହା ଉପରେ ଆଲୋକପାତ କରାଯାଇଛି। ଏହାବ୍ୟତିତ ନୂଆ ଶିକ୍ଷା ନୀତିର ଲକ୍ଷ୍ୟକୁ ନିର୍ଦ୍ଧାରିତ ସମୟରେ ପୂରଣ କରିବା ଦିଗରେ କାର୍ଯ୍ୟ କରିବା ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୮/୦୭ (ନି.ପ୍ର): ଆସନ୍ତା ୧୧ ତାରିଖ ବେଳକୁ ପଶ୍ଚିମକେନ୍ଦ୍ରୀୟ ତଥା ସଂଲଗ୍ନ ଉତର-ପଶ୍ଚିମ ଏବଂ ଉତର-ଆନ୍ଧ୍ର-ଦକ୍ଷିଣ ଓଡିଶା ଉପକୂଳ ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସୁନ୍ଦରଗଡ଼, କେନ୍ଦୁଝର, ମୟୁରଭଞ୍ଜ, ବରଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ଦେବଗଡ଼ ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ,ଗଜପତି, ସୁନ୍ଦରଗଡ଼, ଝାରସୁଗୁଡ଼ା,ବରଗଡ଼,ସମ୍ବଲପୁର, ଦେବଗଡ଼, ଅନୁଗୁଳ,ଢେଙ୍କାନାଳ, କେନ୍ଦୁଝର, ମୟୁରଭଞ୍ଜ,ବୌଦ୍ଧ, କନ୍ଧମାଳ ଓ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ମଧ୍ୟରେ ଗଜପତି, ଗଂଜାମ, ▶▶ପୃଷ୍ଠା ୭

# ରାଜ୍ୟରେ କରୋନାରେ ଆଉ ୬୧ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ରାଜ୍ୟରେ ଆଉ ୬୧ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ଟ୍ୱିଟ୍ କରି ଏହି ତଥ୍ୟ ପ୍ରଦାନ କରାଯାଇଛି। ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୪୪୭୬କୁ ବୃଦ୍ଧି ପାଇଛି। କରୋନାରେ ପ୍ରାଣ ହରାଇଥିବା ଏହି ୬୧ ଜଣଙ୍କ ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧ ଜଣ ଅଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରୁ କେବଳ ▶▶ପୃଷ୍ଠା ୭

# ଦେଶରେ ମୋଟ ସଂକ୍ରମଣର ୫୦ ପ୍ରତିଶତ ମହାରାଷ୍ଟ୍ର ଓ କେରଳରୁ ହେଉଛନ୍ତି ଚିହ୍ନଟ

ଭୁବନେଶ୍ୱର,୦୮/୦୭(ନି.ପ୍ର): ଦେଶରେ ସଂକ୍ରମଣ କମି ଜୀବନ ଧାରା ସ୍ୱାଭାବିକ ହେଉଥିବା ବେଳେ, ମହାରାଷ୍ଟ୍ର ଆଉ କେରଳରୁ ଯେଉଁ ଖବର ଆସିଛି ତାହା ଚିନ୍ତାଜନକ । ଏହି ଦୁଇ ରାଜ୍ୟରୁ ସାରା ଦେଶର ୫୩% କେସ୍ ଚିହ୍ନଟ ହୋଇଛି । ମହାରାଷ୍ଟ୍ରରେ ୬୭୪୦କୁ କରୋନା ସଂଖ୍ୟା ଖସିବା ପରେ ଲଗାତର ତିନି ଦିନ ହେଲା ବଢିଚାଲିଛି । ସେହିଭଳି କେରଳରେ ଦୈନିକ ସଂକ୍ରମଣ ସଂଖ୍ୟା ୧୩ ହଜାର ଉପରେ । ଯଦିଓ ସାରା ଦେଶରେ ପଜିଟିଭ୍ ହାର ୨.୬% ରହିଛି, ହେଲେ ଦୁଇ ରାଜ୍ୟରେ ସଂଖ୍ୟା ବଢିବା ଚିନ୍ତାର କାରଣ ପାଲଟିଛି । ସେହିଭଳି ମସୁରୀରୁ ଆସିଥିବା ଚିତ୍ରକୁ ସମସ୍ତଙ୍କ ସାମ୍ନାରେ ରଖି ସ୍ୱାସ୍ଥ୍ୟ ବିଭାଗ ପ୍ରଶ୍ନ କରିଛି, ଆମେ କୁଆଡେ ଯାଉଛେ ? କେମ୍ପଟି ଫଲ୍ସର ଏକ ଚିତ୍ରକୁ ଆଜି ସ୍ୱାସ୍ଥ୍ୟ ବିଭାଗ ଦେଶ ସାମ୍ନାରେ ରଖିଛି । ଯେଉଁଠି ଲୋକ କୌଣସି କୋଭିଡ୍ ନିୟମ ମାନୁନଥିବା ସ୍ପଷ୍ଟ ଭାବେ ଜଣାପଡୁଛି । ଏହି ଫଟୋ ଜରିଆରେ ସ୍ୱାସ୍ଥ୍ୟ ବିଭାଗ କହିଛି । ନିଜକୁ ସଂକ୍ରମିତ କରିବାକୁ ଆମେ କରୋନାକୁ ଖୋଲା ନିମନ୍ତ୍ରଣ ଦେଉଛେ । ଗୋଷ୍ଠୀ ସଂକ୍ରମଣ ଅନେକାଂଶରେ ଆମ କାର୍ଯ୍ୟକଳାପ ଉପରେ ନିର୍ଭର କରେ । ଦେଶ ଏବେ ବି କରୋନାର ଦ୍ୱିତୀୟ ଲହର ସହ ଲଢୁଛି । କରୋନା ସଂକ୍ରମଣ ସରିଗଲା ଭାବି ଏଭଳି ବ୍ୟବହାର କେତେ ଯୁକ୍ତିଯୁକ୍ତ ? ଅସ୍ତବ୍ୟସ୍ତ କରିଦେଇଥିଲା କରୋନାର ଦ୍ୱିତୀୟ ଲହର । ୪ ଲକ୍ଷ ୧୪ ହଜାର ସଂଖ୍ୟାକୁ ଅତିକ୍ରମ କରିବା ପରେ ଯେତେବେଳେ ଗ୍ରାଫ୍ ତଳମୁହାଁ ହେଲା ଅନେକ ରାଜ୍ୟ ନିୟମକୁ କୋହଳ କଲେ । ହେଲେ ଏହାର ଅର୍ଥ ନିୟମ ଭାଙ୍ଗି ନୁହେଁ ତୃତୀୟ ଲହରକୁ ନିମନ୍ତ୍ରଣ ଦେବା । ୟୁକେ, ଋଷିଆ, ବାଂଲାଦେଶ, ଆଉ ସାଉଥକୋରିଆ କିଭଳି କରୋନା ସଂକ୍ରମଣ ଦ୍ୱାରା ପୁଣି ପ୍ରଭାବିତ ହେଲେଣି। ସାଉଥ କୋରିଆରେ ସଂଖ୍ୟା ବଢିବା ▶▶ପୃଷ୍ଠା ୭

# ଜିଲ୍ଲାପାଳଙ୍କ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଦର୍ଶନ ଓ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

## ଜଗୁସାଗର ପୋଖରୀ ପାର୍ଶ୍ୱରେ ଜବରଦଖଲ କାରୀଙ୍କୁ ନୋଟିସ ପାଇଁ ନିର୍ଦ୍ଦେଶ



ଧାମନଗର ,୯/୭ (ନି.ପ୍ର): ଭଦ୍ରକ ଜିଲ୍ଲାପାଳ ଡ଼ଃ. ଜ୍ଞାନ ଦାସ ଗୁରବାର ୧୧ଘଟିକା ସମୟରେ ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଦର୍ଶନ କରି କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିବା ଜଣାଯାଇଛି । ଏନ୍ଏସି କାର୍ଯ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟର ବିସ୍ତୃତ ଆଲୋଚନା କରି କାର୍ଯ୍ୟ ଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ଉପସ୍ଥିତ ଥିବା ଅଧିକାରୀଙ୍କୁ ପରାମର୍ଶ ଦେଇଥିବାବେଳେ ନୂତନ ଯୋଜନାରେ ଜଗୁସାଗର ପୋଖରୀର ପୁନଃରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ଟାଉନ୍ହଲ, ବସଷ୍ଟାଣ୍ଡର କର୍ଯ୍ୟକୁ ଆଗେଇ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଧାମନଗର ଏନ୍ଏସି ଅଞ୍ଚଳରେ ଥିବା ଐତିହାସିକ ଜଗୁସାଗର ପୋଖରୀର ଉନ୍ନତି ଓ ସୌନ୍ଦର୍ଯ୍ୟ କରଣ ପାଇଁ କୋଟି କୋଟି ଟଙ୍କା ଅର୍ଥ ମଞ୍ଜୁର ହୋଇଥିବାରୁ ସେ ନେଇ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରି ପୋଖରୀର ପାର୍ଶ୍ୱରେ ଜବରଦଖଲ କରିଥିବା ବ୍ୟକ୍ତିଙ୍କୁ ନୋଟିସ କରିବା ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । କାର୍ଯ୍ୟ ଚ୍ଚଲିଥିବା ସାଗର ଭୂୟାଁ ପାର୍କ, ଖାନକା ସରିଫ ଠାରେ କୋଟିଏ ଟଙ୍କା ବ୍ୟୟ ବରାଦରେ କାର୍ଯ୍ୟ ଚ୍ଚଲିଥିବା ବିଲ୍ଡିଂ ଗୃହ ସ୍ଥାନ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ । ଜିଲ୍ଲାପାଳଙ୍କ ଗ୍ରସ୍ତ ସମୟରେ ଉପଜିଲ୍ଲାପାଳ ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅରୁଣ କୁମାର ମହାପାତ୍ର, ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ତହସିଲଦାର ଦୁର୍ଗା ଚରଣ ମୁର୍ମୁ, ଅତିରିକ୍ତ ତହସିଲଦାର ଅନୁପ କୁମାର ବେହେରା, ଏନ୍ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସହକାରୀଯନ୍ତ୍ରୀ ସଲାହା ସଂଗୀତା ଟୁଡୁ, କନିଷ୍ଠଯନ୍ତ୍ରୀ ଗୋବିନ୍ଦ ପ୍ରଧାନ, ଦେବେନ୍ଦ୍ର ପ୍ରସାଦ ନାୟକ, ଦୀଲ୍ଲିପ କୁମାର ପଣ୍ଡା ସମେତ ଅନ୍ୟ କର୍ମଚ୍ଚାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାପାଳ ଧାମନଗର ମହାବିଦ୍ୟାଳୟ ପରିସରରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ନିବାସ ସମ୍ପର୍କରେ ମହାବିଦ୍ୟାଳୟର ଅଧକ୍ଷ ସମୀର ହୁଇଙ୍କ ସହ ଆଲୋଚନା କରିଥିବାବେଳେ ତୁରନ୍ତ କାର୍ଯ୍ୟ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ନକଲି ଫେସବୁକ୍ ଆକାଉଂଟ ଖୋଲି ଯୁବତୀଙ୍କୁ ହଇରାଣ କରିବା ଅଭିଯୋଗ : ଅଭିଯୁକ୍ତ ଯୁବକ ଗିରଫ

ଗଞ୍ଜାମ,୯/୭ (ନି.ପ୍ର): ନକଲି ଫେସବୁକ୍ ଆକାଉଂଟ ଖୋଲି ଜଣେ ଯୁବତୀଙ୍କୁ ହଇରାଣ କରିବା ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ପ୍ରଦୀପ କୁମାର ସାହୁ । ତାଙ୍କ ଘର ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଅଂଚଳରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ରୁହନ୍ତି । ସେ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରନ୍ତି । ସୂଚନା ଅନୁଯାୟୀ, ପ୍ରଦୀପ ଏହି ଯୁବତୀଙ୍କୁ ପ୍ରେମ କରୁଥିଲେ । ଯୁବତୀଙ୍କ ବାହାଘର ପରେ ମଧ ସେ ତାଙ୍କ ପିଛା ଛାଡିନଥିଲେ । ଏପରିକି ନିଜ ନାମରେ ଏକ ନକଲି ଫେସବୁକ୍ ଆକାଉଂଟ କରି ସେଥିରେ ବିଭିନ୍ନ ପ୍ରକାରର ଆପତିଜନକ ଫଟୋ ମେସେଜ୍ କରୁଥିଲେ । ଏନେଇ ଯୁବତୀ ଜଣକ ଗତ ୨୦୧୯ ଡ଼ିସେମ୍ବର ମାସରେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ କେସ୍ ନଂ ୩୧୭/୧୯ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିଲା । ଶେଷରେ ବ୍ରହ୍ମପୁର ପୋଲିସର ଏକ ଟିମ୍ ଭୁବନେଶ୍ୱର ଯାଇ ପ୍ରଦୀପଙ୍କୁ ସେଠାରୁ ଗିରଫ କରିବା ସହ ତାଙ୍କୁ କୋର୍ଟଚାଲାଣ କରାଯାଇଛି । ତାଙ୍କ ନିକଟରୁ ଏକ ମୋବାଇଲ୍ ଫୋନ୍ ଓ ଏକ ସିମ୍ କାର୍ଡ଼କୁ ପୋଲିସ ଜବତ କରିଛି ।

# ଇନରହ୍ୱିଲ କ୍ଲବ ତରଫରୁ ବୃକ୍ଷ ରୋପଣ




ଉଦଳା ,୯/୭ (ନି.ପ୍ର): ଇନରହ୍ୱିଲ କ୍ଲବ ତରଫରୁ ଧାନଘେରାସ୍ଥିତ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଇନରହ୍ୱିଲ କ୍ଲବ ସଭାପତି ଜୟନ୍ତି ପଟ୍ଟନାୟକ ଓ ତାଙ୍କ ଟିମ (୨୦୨୦-୨୧)ର , ପୁର୍ବତନ ସଭାପତି ରାଜଲକ୍ଷ୍ମୀ ମହାନ୍ତି, ଏଡ଼ିଟର ପ୍ରମିଳା ପଣ୍ଡା, ସଂମ୍ପାଦିକା ମିନାକ୍ଷୀ ମହାନ୍ତି, ସିସିସି ସୁଜାତା ବିଶ୍ୱାଳ, କୋଷାଧକ୍ଷ ଗୀତାଶ୍ରୀ ରାୟ, ସଦସ୍ୟା ଅଞ୍ଜଳି ମହାନ୍ତି, ପ୍ରେମଲତା ପଣ୍ଡା, ପ୍ରମୁଖଙ୍କୁ ନେଇ ଉଚ୍ଚବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟ ପରିସରରେ ବଉଳ, ଜାମୁ, ଆମ୍ବ, ପ୍ରଭୃତି ବୃକ୍ଷ ରୋପଣ କରିଥିଲେ । ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଗ୍ରାମର ସରପଞ୍ଚ, ବିଇଓ ସହଯୋଗ କରିଥିଲେ ।

# ପୌରାଂଚଳର ପରିମଳ ଓ ଅବ୍ୟବସ୍ଥା ସୁଧାରିବା ପାଇଁ ବିଜେପିର ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୯/୭ (ନି.ପ୍ର): ଓଡିଶାର ସର୍ବ ପୁରାତନ ପୌରସଂସ୍ଥା କେନ୍ଦ୍ରାପଡା ମୁନିସିପାଲିଟିର ଜ୍ୱଳନ୍ତ ସମସ୍ୟା ସମାଧାନ ପାଇଁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ କରିବାକୁ ଦାବିକରି କେନ୍ଦ୍ରାପଡା ନଗର ବିଜେପି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ନଗର ସଭାପତି ଦିଲିପ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଆଲୋଚନା କରିବା ସହ ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି । ପୌରାଂଚଳର ପରିମଳ , ଆଲୋକୀକରଣ ଓ ରାସ୍ତା ଘାଟର ସମସ୍ୟା ସମାଧାନ ପାଇଁ ବିଜେପି ନଗର କମିଟି ତରଫରୁ ଦାବି କରାଯାଇଛି । ଏହି ସମସ୍ୟାର ସମାଧାନ ନହେଲେ ନଗର ବିଜେପି କେନ୍ଦ୍ରାପଡା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# ମଦମୁକ୍ତ ଆନ୍ଦୋଳନକାରୀ: ଚୋରା ମଦ ସହ ବାଇକ୍ ଗିରଫ



ଧାମନଗର,୯/୭ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଫଂଚ୍ଚାୟତ କୋଳେଇପଦା ରାସ୍ତାରେ ଚ୍ଚୋରା ମଦ ବିକ୍ରି ପାଇଁ ନେଉଥିବା ସମୟରେ ସୋଧ ଧର୍ମପଡ଼ିଆ ନିକଟରେ ଏକ ନିର୍ଦ୍ଦିଷ୍ଟ ଦଳର ଯୁବନେତା ଶଙ୍କର ମିଶ୍ରଙ୍କୁ ଗିରଫ କରିବା ସହ ବିପୁଳ ପରିମାଣରେ ଦେଶି ଓ ବିଦେଶି ମଦ ସହିତ ବାଇକ୍ ଧାମନଗର ପୋଲିସ ଦ୍ୱାରା ଜବତ କରାଯାଇଛି । ଧାମନଗର ଆଇଆଇସି ପ୍ରଦୀପ ମହନ୍ତ ଅଧିକ ତଦନ୍ତ ପାଇଁ ଏସ୍ଆଇ ଶ୍ରୀମତୀ ମୋନାଲିସା ମହାନ୍ତିଙ୍କୁ ଦାୟିତ୍ୱ ଦେଇଥିବା ଜଣାପଡ଼ିଛି । ଯୁବକ ଜଣକ ଧାମନଗର ବ୍ଲକ ଦଳାଙ୍ଗ ପଂଚ୍ଚାୟତର ଏକ ନିର୍ଦ୍ଦିଷ୍ଟ ଦଳର ଟାଣୁଆ ଯୁବ ନେତା ବୋଲି ଜଣାଯାଇଛି । ରାଜ୍ୟ ସରକାରଙ୍କ ବିରୁଦ୍ଧରେ ମଦମୁକ୍ତ ଓଡ଼ିଶା ଗଠନ କରିବାକୁ ବାଇକ୍ ରାଲି କରି ନାରା ଦେଉଥିବା ବ୍ୟକ୍ତି ଶଙ୍କର ଆଜି ନିଜେ ଚ୍ଚୋରା ମଦ ବିକ୍ରି ଅଭିଯୋଗରେ ଧାମନଗର ପୋଲିସ ଦ୍ୱାରା ଗିରଫ ହୋଇ ଥାନା କେସ ନଂ ୧୯୫/୨୧ରେ ଏକ ମାମଲା ରୁଜୁ ହେବା ସହ କୋର୍ଟ ଚ୍ଚଲାଣ ହୋଇଥିବା ଜଣାଯାଇଛି ।

# ଲୁହାପଥର ପରିବହନ ଗାଡି ବନ୍ଦ କଲା ପାଣିକୋଇଲି ଓ କୁଆଖିଆ ଟ୍ରକ ମାଲିକ ସଂଘ

କୋରେଇ,୯/୭ (ନି.ପ୍ର): ଲୁହାପଥର ପରିବହନରେ ଏକକ ଭଡା ଏବଂ ଚିତ ଭଡା ଦାବିରେ ୭ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ପାରାଦ୍ୱୀପ, ଗୋପାଳ ପୁର, ଭାଇଜାକ ବନ୍ଦରକୁ ଲୁହାପଥର ବନ୍ଦ ରଖିବାକୁ ରାଜ୍ୟ ଟ୍ରକ ମାଲିକ ମହାସଙ୍ଘର ନିଷ୍ପତିକୁ ପାଣିକୋଇଲି ଟ୍ରକ ମାଲିକ ସଂଘ ଏହାକୁ ସମର୍ଥନ ଜଣାଇଛି । ମାଲିକ ସଂଘ ପକ୍ଷରୁ ଲୁହାପଥର ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମାଲିକ ମାନଙ୍କୁ ଅନୁରୋଧ କରାଯାଇଥିଲା । ଏହାକୁ ମାଲିକ ମାନେ ନମାନିଲେ ସଙ୍ଘ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡି ଗୁଡିକୁ ଅଟକାଯିବା ପାଇଁ ଟ୍ରକ ମାଲିକ ସଂଘ ନିଷ୍ପତି ନେଇଥିଲା । ଏଥି ସହିତ ଆସନ୍ତା ୧୨ ତାରିଖରୁ ସମସ୍ତ ଘରୋଇ କାରଖାନାକୁ ଲୁହାପଥର ଚାଲାଣ ବନ୍ଦ କରାଯିବ ବୋଲି ନିଷ୍ପତି ହୋଇଛି । ଆଜି ପାଣିକୋଇଲି ଓ କୁଆଖିଆ ସଂଘ ପକ୍ଷରୁ ୨୦ ନମ୍ବର ଜାତୀୟ ରାଜପଥର ରାଇସମିଲ ନିକଟରେ ଲୁହାପଥର ବୋଝେଇ ଗାଡି ଗୁଡକୁ ଅଟକା ଯାଇଥିଲା । ସଂଘ ପକ୍ଷରୁ ଦାମୋଦର ସାହୁ, ଚନ୍ଦ୍ରକାନ୍ତ ଖଣ୍ଡାଇ, ଭାଗ୍ୟଧର ରାୟ, ନବାବ ବେଗ, ଦେବେନ୍ଦ୍ର ସ୍ୱାଇଁ, ପ୍ରଫୁଲ୍ଲ ସାମଲ, କୈଳାସ ସାହୁ, ମିର୍ଜା ଇମରାନ ବେଗ, ମିର୍ଜା ତପୁ, ମହମ୍ମଦ ଆକବର, ନିରଂଜନ ନାୟକ, ବନୋଜ ସ୍ୱାଇଁ, ମନୋଜ ପଣ୍ଡା, ପିତାମ୍ବର ସାମଲ, ବିଜୟ ସାହୁ, ଦିଲ୍ଲପ ବଳ, ଗୌରାଙ୍ଗ ସାହୁ, ସୁନିଲ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଘଟଣାସ୍ଥଳେ ପାଣିକୋଇଲି ପୁଲିସ ପହଂଚି ସଙ୍ଘ କର୍ତୃପକ୍ଷଙ୍କ ସହ ଆଲୋଚନା କରିବା ପରେ ଗାଡି ଛଡାଯାଇଥିଲା । ଏନେଇ ଜିଲ୍ଲାପାଳ ଓ ଏସପିଙ୍କ ସହ ଆଲୋଚନା କରାଯିବାକୁ ସ୍ଥିର ହୋଇଥିଲା ।

# ରଣ ଟଙ୍କା ଆତ୍ମସାତ ଅଭିଯୋଗରେ କାନାରା ବ୍ୟାଙ୍କ ଶାଖା ପରିଚାଳକ ଗିରଫ

କେନ୍ଦ୍ରାପଡ଼ା,୯/୭ (ନି.ପ୍ର): ଋଣ ଜାଲିଆତି ମାମଲାରେ କାନାରା ବ୍ୟାଙ୍କର ପୂର୍ବତନ ମ୍ୟାନେଜର ମନ ମୋହନ ମହାନ୍ତି ଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ୨୦୧୩-୧୪ ମସିହାରେ ମନ ମୋହନ ମହାନ୍ତି କେନ୍ଦ୍ରାପଡାର କାନାରା ବ୍ୟାଙ୍କ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିବା ବେଳେ ଋଣ ପ୍ରଦାନ କରିବା ସମୟରେ ଗ୍ରହିତାଙ୍କ ଠାରୁ ଅଗ୍ରୀମ ଚେକ୍ ଗ୍ରହଣ କରୁଥିଲେ । ଋଣ ପରିଶୋଧ ପରେ ସେହି ଚେକ୍ କୁ ନଫେରାଇ ତାହାକୁ ପୁନଃର୍ବାର ବ୍ୟବହାର କରି ଋଣ ମଞ୍ଜୁର କରି ସେହି ଋଣକୁ ଆତ୍ମସାତ କରୁଥିବା ଅଭିଯୋଗ ହୋଇଥିଲା । କେନ୍ଦ୍ରାପଡା ଟାଉନ ସାନ୍ତସାହି ର ଜଗନ୍ନାଥ ଟ୍ରେଡର୍ସର ମାଲିକ ସତ୍ୟଜିତ ଦାସ ଏନେଇ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପାଇବା ପରେ ଟାଉନ ଥାନା କେସ୍ ନଂ-୨୦୩/୧୬ ରେ ମାମଲା ରୁଜୁକରି ତଦନ୍ତ ଜାରି ରହିଥିଲା । ଅପରପକ୍ଷରେ ବ୍ୟାଙ୍କ କତୃପକ୍ଷ ଅଭିଯୋଗର ସତ୍ୟତା ଜାଣିବା ପରେ ମନ ମୋହନଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି । ଟାଉନ ଥାନା ପୋଲିସ ଭୁବନେଶ୍ୱର ରେ ରହୁଥିବା ମନ ମୋହନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲକୁ ପଠାଯାଇ ଥିବା ସରକାରୀ ଓକିଲ ନିରଞ୍ଜନ ବଳ ସୂଚନା ଦେଇଛନ୍ତି । ତେବେ ଟାଉନ ଥାନା ଅତିରିକ୍ତ ଆଇଆଇସି ସାଇମନ ଲାକ୍ରାଙ୍କ କହିବା ମୁତାବକ ପ୍ରାୟ ୫୦ ରୁ ୬୦ ଲକ୍ଷ ଟଙ୍କାର ଜାଲୀଆତି ମାମଲାରେ ଅଭିଯୁକ୍ତ ସଂପୃକ୍ତ ଅଛନ୍ତି ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି ।

# କେନ୍ଦ୍ର ସମବାୟ ବ୍ୟାଙ୍କ ସେବା ସମବାୟ ସମିତି କର୍ମଚାରୀ ସଂଘର ନୂତନ କାର୍ଯ୍ୟାଳୟ ଗୃହ ଉଦ୍ଘାଟିତ

ଖୋର୍ଦ୍ଧା,୯/୭ (ନି.ପ୍ର): ସ୍ଥାନୀୟ ଟିଏଲସି ଠାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସେବା ସମବାୟ ସମିତି କର୍ମଚାରୀ ସଂଘର ନୂତନ କାର୍ଯ୍ୟାଳୟ ଗୁରୁବାର ଉଦ୍ଘାଟିତ ହୋଇଯାଇଛି । ନୂତନ ଗୃହକୁ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । ତେବେ ମହାମାରୀ କରୋନା ନେଇ କୋଭିଡ଼ ୧୯ ନିୟମ ମାନି ଉଦ୍ଘାଟିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ମହାରଣା, ଓଡ଼ିଶା ସମବାୟ କର୍ମଚାରୀ ସଂଘର ଉପସଭାପତି ନିତ୍ୟାନନ୍ଦ ଦାସ, ବ୍ଲକ୍ ସଭାପତିଙ୍କ ସମେତ ସଂଘର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

# ବନ୍ଦୋବସ୍ତ ରେକର୍ଡ ଜାଲିଆତି କରିଥିବା ଅଭିଯୋଗରେ ୩ କର୍ମଚାରୀ ନିଲମ୍ବିତ

କେନ୍ଦ୍ରାପଡ଼ା,୯/୭ (ନି.ପ୍ର): କେନ୍ଦ୍ରାପଡା ଚକବନ୍ଦୀ କାର୍ଯ୍ୟାଳୟ ରେ ଥିବା ୧୯୩୦ ମସିହା ରେକର୍ଡ କୁ ଜାଲିଆତି କରିଥିବା ଅଭିଯୋଗ ରେ ସେହି କାର୍ଯ୍ୟାଳୟ ର ୩ ଜଣ କର୍ମଚାରୀ ଚକବନ୍ଦୀ ନିରୀକ୍ଷକ ଶ୍ରୀକାନ୍ତ କୁମାର ବେହେରା, ପ୍ରକାଶ ଚନ୍ଦ୍ର ବେହେରା ସିନିୟର କ୍ଲର୍କ ଓ କାବ୍ୟ ରଞ୍ଜନ ପଢିଆରୀ ଜୁନିୟର କ୍ଲର୍କଙ୍କୁ ନିଲମ୍ବିତ କରାଯାଇଛି । ଚକବନ୍ଦୀ ଉପ ନିର୍ଦ୍ଦେଶକ ବସନ୍ତ କୁମାର ରାଉତ ଅଭିଯୋଗ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏମାନଙ୍କ ମଧ୍ୟରେ ଜଣେ ନିରୀକ୍ଷକ ଓ ଅନ୍ୟ ଦୁଇଜଣ କିରାନୀ ଥିବା ଜଣାପଡିଛି । ଘଟଣା ମୁତାବକ ଏହି ୩ କର୍ମଚାରୀ ୧୯୩୦ ମସିହାରେ ହୋଇଥିବା ବନ୍ଦୋବସ୍ତ ସମ୍ବନ୍ଧୀୟ ରେକର୍ଡରେ ଉଲ୍ଲେଖ ଥିବା ନାମକୁ କାଟି ଅପରପକ୍ଷ ନାମକୁ ଅନ୍ତର୍ଭୁକ୍ତ କରି ପଟ୍ଟା ପ୍ରଦାନ କରିଥିଲେ । ଚାନ୍ଦୋଳ ବାଙ୍କୀମୁଣ୍ଡାଇ ଗ୍ରାମର ନିତ୍ୟାନନ୍ଦ ମହାନ୍ତି ଓ ସତ୍ୟାନନ୍ଦ ମହାନ୍ତିଙ୍କ ବନ୍ଦୋବସ୍ତ ସମ୍ବନ୍ଧୀୟ ରେକର୍ଡକୁ ଜାଲିଆତି କରି ଅପରପକ୍ଷ ଲୋକଙ୍କ ନାମ ଲେଖି ପଟ୍ଟା ପ୍ରଦାନ କରିଥିଲେ । ତେବେ ଏନେଇ ସଂପୃକ୍ତ ପରିବାର ର ପ୍ରତିଭା ମହାନ୍ତି ଉପ ନିର୍ଦ୍ଦେଶକ ଚକବନ୍ଦୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଚକବନ୍ଦୀ ଉପ ନିର୍ଦ୍ଦେଶକ ଶ୍ରୀ ରାଉତ ଏହି ଘଟଣାର ତଦନ୍ତ ପାଇଁ ସହକାରୀ ଚକବନ୍ଦୀ ଅଧିକାରୀ (ସଦର) ଶିବ ମଲିକଙ୍କୁ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦେଇଥିଲେ ।

# ବନ୍ଧଡିହ ଗ୍ରାମରୁ ଚୋରି ଘଟଣା : ସନ୍ଧାନୀ କୁକୁର ଓ ସାଇଂଟିଫିକ୍ ଦଳର ତଦନ୍ତ

ଧର୍ମଶାଳା,୯/୭ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ଗ୍ରାମରୁ ବିଜୟାନନ୍ଦ ମହାନ୍ତିଙ୍କ ଘରୁ ଚଳିତ ମାସ ୫ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତମାନେ ଘରର ତାଲା ଭାଙ୍ଗି ଆଲମିରାରୁ ସୁନା ଅଳଙ୍କାର ,ନଗଦ ଟଙ୍କା ସହ କଂସା ବାସନ ଚୋରି କରି ଫେରାର ହୋଇଯାଇଥିଲେ । ଫଳରେ ବିଜୟାନନ୍ଦ ଏନେଇ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିଲେ । ପୁଲିସ କେସ୍ ନଂ ୩୫୬/୨୧ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଫେରି ଆସିଥିଲା । ତେବେ ଏହି ଘଟରାକୁ ପୁଲିସ ଗୁରତର ସହ ନେଇ ଅଧିକ ତଦନ୍ତ ପାଇଁ ସାଇଁଟିଫିକ୍ ଦଳର ସହାୟତା ନେଇଥିଲା । ଆଜି ସକାଳେ ଏକ ସାଇଁଟିଫିକ୍ ଦଳ ଘଟଣାର ତଦନ୍ତ କରି ଫେରିଯାଇଥିବା ବେଳେ ଅପରାହ୍ନରେ ସନ୍ଧାନୀ କୁକୁର ପଂହଚି ଚୋରି ହୋଇଥିବା ଘର ଓ ଆଲମିରା ଭଙ୍ଗା ଯାଇଥିବା ସ୍ଥାନ ସହ ବନ୍ଧଡିହ ବଜାରରେ କୁକୁରକୁ ତଦନ୍ତରେ ନିୟୋଜିତ କରାଯାଇଥିଲା । ହେଲେ କୌଣସି ଅଭିଯୁକ୍ତଙ୍କର ସନ୍ଧାନ ବାରି ହୋଇନଥିଲା । ସୂଚନା ଥାଉକି ଏହି ଗ୍ରାମର ବିଜୟାନନ୍ଦଙ୍କ ସାନ ପୁଅ କେରଳରେ ଏକ ପ୍ଲଏ କମ୍ପାନୀରେ କାମ କରୁଥିଲେ । ଘରେ ସାନ ବୋହୂ ଏକୁଟିଆ ରହୁଥିବାରୁ ରାତିରେ ବୋହୁ ନିଜ ଘରର ତାଲା ପକାଇ ବାପା ମାଆ ପାଖରେ ରାତିରେ ଶୋଇଥିଲେ । ତେବେ ଘରେ କେହି ନଥିବାର ସୁଯୋଗ ନେଇ ଦୃବୃତମାନେ ଘରର ତାଲା ଭାଙ୍ଗି ଏକ ଆଲମିରାକୁ ଏକ ନିଛାଟିଆ ଜାଗାରେ ଭାଙ୍ଗି ସୁନା ଅଳଙ୍କାର ,ନଗଦ ଟଙ୍କା ଓ କଂସା ବାସନ ଆଦି ଲୁଟି ନେଇଥିଲେ ।

# ସାହାସପୁର ଗ୍ରାମରେ ଧାନଖଳା ନିର୍ମାଣକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଟଣାଓଟରା ସ୍ଥିତି

କଣାସ,୯/୭ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମପଚାଂୟତରେ ଚାଷୀମାନେ କିପରି ନିଜର ଫସଲ ସହଜରେ ଅମଳ କରିପାରିବେ ସେଥିପାଇଁ ଧାନଖଳାମାନ ନିର୍ମାଣ କରୁଛନ୍ତି । ସାହାସପୁର ଗ୍ରାମରେ ଧାନଖଳା ନିର୍ମାଣକୁ ନେଇ ଦୁଇପକ୍ଷ ମଧ୍ୟରେ ଟଣାଓଟରା ଚାଲିଥିବାରୁ ପ୍ରଶାସନିକ ଅଧିକାରୀମାନଙ୍କ ମୁଣ୍ଡବ୍ୟଥାର କାରଣ ହୋଇପଡିଛି । ଖବର ନେବାରେ ଜଣାପଡିଛି, ଧାନଖଳା ନିର୍ମାଣ ପାଇଁ ରାଜ୍ୟ ସରକାର ୬ ଲକ୍ଷ ୩୨ ହଜାର ଟଙ୍କା ମଞ୍ଜୁର କରିଥିବା ବେଳେ ସାହାସପୁର ଗ୍ରାମର କେତେକ ବ୍ୟକ୍ତି ଧାନଖଳାଟି ଗ୍ରାମର ଗୋଟିଏ ପାର୍ଶ୍ୱରେ ନିର୍ମାଣ କରିବା ପାଇଁ କହୁଥିବା ବେଳେ ଅଧିକାଂଶ ଗ୍ରାମବାସୀ ଅନ୍ୟପାର୍ଶ୍ୱରେ ଧାନଖଳା ନିର୍ମାଣ କରିବା ପାଇଁ ଜିଦ୍ ଧରି ବସିଥିଲେ । ଧାନଖଳା ନିର୍ମାଣକୁ କେନ୍ଦ୍ର କରି ବିବାଦ ଉପୁଜିବାରୁ ବିଡିଓ ଲୋଚନ ଦାସ, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣୀ ଖଟେଇ, କନିଷ୍ଠ ଯନ୍ତ୍ରୀ ବାଳକୃଷ୍ଣ ଜେନା ଘଟଣାସ୍ଥଳକୁ ଯାଇ ତଦାରଖ କରିବା ପରେ ଗ୍ରାମର ଅଧିକାଂଶ ଲୋକ ଯେଉଁ ସ୍ଥାନରେ ଧାନଖଳା ନିର୍ମାଣ କରିବା ପାଇଁ କହୁଛନ୍ତି ସେହି ସ୍ଥାନରେ ଧାନଖଳା ନିର୍ମାଣ କରାଗଲେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଏସଟିମେଟଣ୍ଟହେବାପରେ ଖବର ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ନିକଟକୁ ଗଲା । ଅଧିକା ଖର୍ଚ୍ଚ ବାବଦରେ ସ୍ଥାନୀୟ ସରପଚଂ ୨ ଲକ୍ଷ ଟଙ୍କା ଓ ବିଧାୟକ ୪ ଲକ୍ଷ ଟଙ୍କା ଦେବାପାଇଁ ସମ୍ମତି ଜଣାଇବା ପରେ ଅଧିକାଂଶ ଗ୍ରାମବାସୀ ଚାହୁଁ ଥିବା ସ୍ଥାନରେ ଧାନାଖଳା ନିର୍ମାଣ କାର୍ଯ୍ୟ ଚାଲିଛି । ପୂର୍ବରୁ ଅଭିଯୋଗ କରୁଥିବା ବ୍ୟକ୍ତିମାନେ ନିମ୍ନମାନର କାର୍ଯ୍ୟ କରାଯାଉଛି ବୋଲି ଜିଲ୍ଲାପାଳ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିବାରୁ ବିଡିଓ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ କାମର ମାନ ପରୀକ୍ଷା କରିବାପାଇଁ ଘଟଣାସ୍ଥଳକୁ ଯାଇଥିଲେ । ବିଡିଓ ଲୋଚନ ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ଧାନଖଳା କାମ ଜେଇ ବାଳକୃଷ୍ଣ ଜେନାଙ୍କ ନାମରେ ଦିଆଯାଇଛି । ସେହି ଗ୍ରାମର କେତେକ ବ୍ୟକ୍ତିଙ୍କୁ ଧରି ନିଜେ ରହି ସଠିକ୍ କାମ କରୁଥିବା କହିଥିଲେ । ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣୀ ଖଟେଇଙ୍କୁ ପଚାରିବାରୁ ଏସଟିମେଟ ଅନୁଯାଇ ଠିକ୍ କାମ ଚାଲିଛି । ମିଛରେ ମିଥ୍ୟା ଅଭିଯୋଗମାନ ହେଉଛି । ନଂ-୩ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ନୀଳାମଣୀ ବେହେରା କୁହନ୍ତି, କେତେକ ବ୍ୟକ୍ତି କାର୍ଯ୍ୟକୁ ସହି ନ ପାରି ମିଛରେ ଅପବାଦ ଦେଉଛନ୍ତି ।

# ପୂର୍ବତନ ଅନୁଶିକ୍ଷାଧିକାରୀ ଚିତ୍ତରଂଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା



ଧାମନଗର ,୯/୭ (ନି.ପ୍ର): ଧାମନଗର ବ୍ଲକ ଶିକ୍ଷାବିଭାଗର ଅନୁଶିକ୍ଷାଧିକାରୀ ପଦରେ ଦୀର୍ଘ ୧୦ବର୍ଷ ଅବସ୍ଥାପିତ ହୋଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ପ୍ରଶଂସାର ପାତ୍ର ହୋଇ ନିଜର କାର୍ଯ୍ୟ ଦକ୍ଷତା ପାଇଁ କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକରେ ଦୀର୍ଘବର୍ଷ ବ୍ଲକ ଶିକ୍ଷାଧିକାରୀ ପଦରେ ଅଧିଷ୍ଠିତ ହୋଇ ଗତ ଜୁନ ୩୦ ତାରିଖରେ ଅବସର ନେଇଥିବା ସୁନାମଧନ୍ୟ ଶିକ୍ଷାବିତ୍ ଚିତରଂଜନ ତ୍ରିପାଠୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସ୍ଥାନୀୟ ମହେନ୍ଦ୍ର ନୋଡାଲ ଉପ୍ରା ବିଦ୍ୟାଳୟ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସମାରୋହରେ ସଂଘର ଉପଦେଷ୍ଟା ତଥା ପ୍ରଧାନଶିକ୍ଷକ ମନୋଜ କୁମାର ଜେନା ସଭାପତିତ୍ୱ କରିଥିଲେ । ବରିଷ୍ଠ ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଂଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷକ ମନୋଜ କୁମାର ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଧାମନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ପ୍ରଦାନ ସହ ମାନପତ୍ର ପଠନ କରିଥିଲେ । ପ୍ରାରମ୍ଭରେ ଦିବଙ୍ଗତ ୪ଜଣ ଶିକ୍ଷାବିତ୍ ଯଥା ଗୋବିନ୍ଦ ଚନ୍ଦ୍ର ମିଶ୍ର, ସନ୍ତୋଷ କୁମାର ରଥ, ବାସୁଦେବ ନାୟକ, ମୁରଲୀଧର ମିଶ୍ରଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା କରାଯିବା ପରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ମହେନ୍ଦ୍ର ମହାପାତ୍ରଙ୍କ ପ୍ରତିମୂର୍ତିରେ ଅତିଥି ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବ୍ଲକ ଶିକ୍ଷାଧିକାରୀ ପିତାମ୍ବର ବାରିକ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷାବିତଙ୍କୁ ମାନପତ୍ର ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ନିରଂଜନ କର, ରାମଚନ୍ଦ୍ର ସାହୁ, ତିହିଡି ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ କୁମାର ରାଉତ, ଶିକ୍ଷାବିତ୍ ସୁରଥ ଚନ୍ଦ୍ର ସେଠୀ, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ଶୋଭାରାଣୀ ପଣ୍ଡା, ସରସ୍ୱତୀ ପଣ୍ଡା, ରବିନ୍ଦ୍ର ଦାଶ, ଭାବଗ୍ରାହୀ ଖୁଂଟିଆ, ଧର୍ମେନ୍ଦ୍ର ବେହେରା, ଅଶୋକ ଦାସ, ତପନ ଦ୍ୱିବେଦୀ, ବିଜୟ ସୂତାର, ଶରତ ସାହୁ, ହବିବୁଲ କରିମ୍, ଶରତ ବେହେରା, ଅଭୟ ଦାଶ, ସିଆରସିସି ପ୍ରଶାନ୍ତ କୁମାର ବେହେରା, ରୂପକ କୁମାର ମିଶ୍ର, ଶିକ୍ଷୟିତ୍ରୀ କବିତା ରାଣୀ ପଣ୍ଡା, କିଶୋରୀ ମଣି ସେନାପତି, ସୁକାନ୍ତି ଦାସ, ସୁମତି ନାୟକ, ମିନତୀ ସ୍ୱାଇଁ, ଅମିତାବାଳା ଦାସ ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ସମ୍ପର୍କରେ ତାଙ୍କ ରହେଣିକାଳ ମଧ୍ୟରେ ଶିକ୍ଷକ ମାନଙ୍କ ପ୍ରତି ମେଳାପି ଓ ଆଦର୍ଶ ଗୁଣାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ଶେଷରେ ଶିକ୍ଷକ ଦିଲ୍ଲୀପ କୁମାର ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାନଘାଗରା ଜଳପ୍ରପାତ

ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା । ପ୍ରକୃତି ଯେପରି ଗୋଟିଗୋଟି କରି ଶୋଭାର ଭଣ୍ଡାର ଏଠାରେ ସଜାଇ ରଖିଛି । ଏଗୁଡ଼ିକ ମଧ୍ୟରୁ ଅନ୍ୟତମ ସାନଘାଗରା ଜଳପ୍ରପାତ । ବଣଭୋଜି ସମୟ ଆରମ୍ଭ ହେବା ମାତ୍ରେ ଅନେକଙ୍କର ପ୍ରଥମ ପ୍ରସନ୍ଦ ପାଲଟେ ସାନଘାଗରା ଜଳପ୍ରପାତ । ଓଡ଼ିଶାର ଉତ୍ତର ସୀମାରେ ପଡ଼ୋଶୀ ଝାଡ଼ଖଣ୍ଡକୁ ଲାଗି ସମୁଦ୍ର ପତ୍ତନଠାରୁ ହାରାହାରି ୪୮୦ ମିଟର ଉଚ୍ଚରେ ଅବସ୍ଥିତ କେନ୍ଦୁଝର ଜିଲା । ରାଜଧାନୀ ଭୁବନେଶ୍ୱରଠାରୁ ସଡ଼କ ପଥରେ ପ୍ରାୟ ୨୩୫ କିଲୋମିଟର ଏବଂ ଯାଜପୁର କେନ୍ଦୁଝର ରେଳଷ୍ଟେସନଠାରୁ ୧୧୫ କିଲୋମିଟର ଦୂର ହୋଇଥିବା ବେଳେ ଯାଜପୁର ରୋଡ଼ଠାରୁ ୩୦ କିଲୋମିଟର ଦୂରରେ ଏହି ଜିଲ୍ଲା ଅବସ୍ଥିତ । ୧୧୫ ନମ୍ବର ଜାତୀୟ ରାଜପଥରେ ଗଲେ ପଡ଼େ ଆନନ୍ଦପୁର ଉପଖଣ୍ଡ । ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୀଠ ଘଟଗାଁ । ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଉଚ୍ଚ ଜଳପ୍ରପାତ ଦେଖିବାଲାଗି କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ଛୁଟିଥାଏ ।





## ଅବସ୍ଥିତି :

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ୪୯ ନଂ ଜାତୀୟ ରାଜପଥକୁ ଲାଗି ୩୧ମି ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତ ବୁଲି ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଘଞ୍ଚ ବଣପାହାଡ଼ ଘେରା ସାନଘାଗରାର ଶିଶୁପାର୍କ, ଗୋଲାପ ଉଦ୍ୟାନ, ବୋଟିଂ ସୁବିଧା ତଥା ଚତୁଃପାରର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପିକନିକ୍ ଋତୁରେ ପ୍ରବଳ ଗହଳି ଜମେ । ପର୍ଯ୍ୟଟକଙ୍କ ସହିତ ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନେ ବି ଏଠାକାର ଆକର୍ଷଣ ଏଡାଇ ପାରନ୍ତି ନାହିଁ । ପ୍ରାକୃତିକ ଶୋଭା ମଧ୍ୟରେ ପ୍ରାୟ ୧୦୦ଫୁଟ ଉଚ୍ଚରୁ ସ୍ତରସ୍ତର ହୋଇ ଆସୁଥିବା ଏଇ ପ୍ରପାତ ନିକଟରେ ଏକାଧିକ ଚଳଚ୍ଚିତ୍ରର ଫଟୋ ଉତ୍ତୋଳନ ସ୍ଥାନ ଭାବେ ପରିଚିତ । ପର୍ଯ୍ୟଟନରେ ଆସିଥିବା ଶିଶୁମାନଙ୍କର ମଧ ମନୋରଞ୍ଜନ ଏବଂ ସୁବିଧା ପାଇଁ ସାନ ଘାଗରାରେ ବଣଭୋଜିର ବ୍ୟବସ୍ଥା କରାଯାଇଥାଏ ।



## ଦର୍ଶନୀୟ ସ୍ଥାନ :

ଏହାର ନିକଟବର୍ତ୍ତୀ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ତେଣୁ ଇଚ୍ଛା କଲେ ବଡ଼ ଘାଗରା, ଷୋଡ଼ଶ ଶତାବ୍ଦୀର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ରାଜବାଟୀ, ସିଦ୍ଧମଠ, କେନ୍ଦୁଝର ରାଜାଙ୍କ ବିରାଟ ଦରବାର ହଲ



ଗୋନାସିକା, ମା ତାରିଣୀଙ୍କ ମନ୍ଦିର ସୀତାବିଞ୍ଜ ,ବଂ ଖଣ୍ଡାଧାର ଜଳପ୍ରପାତ ମଧ ଦେଖିବାକୁ ଯାଇପାରିବେ । ଏ ସମସ୍ତ ସ୍ଥାନ କେନ୍ଦୁଝରଠାରୁ ୩୦ରୁ ୫୦କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।

## କେମିତି ଯିବେ :

ଉଭୟ ସଡକ ଏବଂ ରେଳପଥରେ ଏଠାକୁ ଯିବା ସହଜ । ବିଭିନ୍ନ ଅଞ୍ଚଳରୁ ଏଠାକୁ ବସସେବା ରହିଥିବା ବେଳେ ରେଳଷ୍ଟେସନରୁ ସାନଘାଗରା ମୋଟ ୮କିଲୋମିଯର ଦୂର । ଷ୍ଟେସନରୁ କେନ୍ଦୁଝର ୩କିଲୋମିଟର ଏବଂ କେନ୍ଦୁଝରରୁ ଘାଗରାର ଦୂରତ୍ୱ ୫କିଲୋମିଟର ।

## କେଉଁଠି ରହିବେ :

ପାନ୍ଥ ନିବାସ (ସାନଘାଗରାଠାରୁ୨ କିଲୋମିଟର), ପ୍ରକୃତି ନିବାସ (ବନ ନିବାସ ପକ୍ଷରୁ ଅନଲାଇନ ବୁକିଂ) । ଏହା ବ୍ୟତୀତ କେନ୍ଦୁଝରରେ ଏକାଧିକ ହୋଟେଲର ସୁବିଧା ଉପଲବ୍ଧ ।



# ଘରେ ପ୍ରସ୍ତୁତ କରନ୍ତୁ ଏଗ୍ ଚିଲ୍ଲି

**ଆବଶ୍ୟକ ସାମଗ୍ରୀ :**
କ୍ୟାପସିକମ୍, ପିଆଜ, କଞ୍ଚା ଲଙ୍କା, ଅଦା, ରସୁଣ, ଅଣ୍ଡା, ସିଜୱାଇନ୍ ସସ୍, ଟମାଟୋ ସସ୍, କର୍ଣ୍ଣଫ୍ଲୋର, ମଇଦା, ଗୋଲମରିଚ ଗୁଣ୍ଡ, ଲୁଣ, ରିଫାଇନ୍ ତେଲ, ଚାଇନିଜ ସଲଟ ।

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଅଣ୍ଡାକୁ ସିଝାଇ ଦିଅନ୍ତୁ। ପ୍ରତି ଅଣ୍ଡାକୁ ୪ ଖଣ୍ଡ ଲେଖା କରି ଦିଅନ୍ତୁ।
ଏବେ ଏକ ବାଉଲରେ କର୍ଣ୍ଣଫ୍ଲୋର, ମଇଦା, ଗୋଲମରିଚ ଗୁଣ୍ଡ, ଲୁଣ, ସିଜୱାଇନ୍ ସସ୍, ଅଣ୍ଡା କେଶର ମିଶାନ୍ତୁ। ସେଥିରେ ଅଳ୍ପ ଅଳ୍ପ ପାଣି ପକାଇ ତାହାକୁ ଗୋଳାଇ ଏକ ପତଳା ଘୋଳ ପ୍ରସ୍ତୁତ କରି ଦିଅନ୍ତୁ।
ଏକ ପ୍ଲେଟରେ କିଛି ମଇଦା ନିଅନ୍ତୁ। ଅଣ୍ଡା ପିସ୍‌କୁ ମଇଦାରେ



ଗୋଳାଇ ଘୋଳରେ ବୁଡ଼ାନ୍ତୁ। ଏକ କରେଇରେ ତେଲ ଗରମ କରନ୍ତୁ। ଏହାପରେ ଅଣ୍ଡାକୁ ପକାଇ ତାହାକୁ ମିଡିୟମ ଆଞ୍ଚରେ ଫ୍ରାଏ କରନ୍ତୁ। ଏବେ ଅନ୍ୟ ଏକ ପାତ୍ରରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ହୋଇଥିବା ଅଦା, ରସୁଣ, କଞ୍ଚାଲଙ୍କା ପକାଇ ଫ୍ରାଏ କରନ୍ତୁ । ଏବେ ସେଥିରେ ପିଆଜ, କ୍ୟାପସିକମ୍ ପକାନ୍ତୁ। ଏହାକୁ କିଛି ସମୟ ଫ୍ରାଏ କରିବା ପରେ ସେଥିରେ ସିଜୱାଇନ୍ ସସ୍, ଚାଇନିଜ ସଲଟ, ଲୁଣ, ଗୋଲମରିଚ ଗୁଣ୍ଡ, ସୋୟା ସସ୍, ଟମାଟୋ ସସ୍, ଭିନେଗାର ପକାଇ ଗୋଳାନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ତାହାକୁ ଫୁଟିବାକୁ ଛାଡ଼ି ଦିଅନ୍ତୁ। ଏବେ ଏକ ଛୋଟ ବାଉଲରେ କିଛି କର୍ଣ୍ଣଫ୍ଲୋର ନେଇ ସେଥିରେ ପାଣି ମିଶାଇ ଏହି ଘୋଳକୁ କରେଇରେ ପକାଇ ଗୋଳାନ୍ତୁ। ତାହା ଫୁଟିବା ଆରମ୍ଭ ହେବା ମାତ୍ରେ ସେଥିରେ ଅଣ୍ଡା ଫ୍ରାଏକୁ ପକାଇ ଗୋଳାନ୍ତୁ। ଏବେ ଗ୍ୟାସ୍ ବନ୍ଦ କରି ଅଣ୍ଡା ଚିଲ୍ଲିକୁ ଏକ ପ୍ଲେଟକୁ ବାହାର କରି ତାହା ଉପରେ ଧନିଆପତ୍ର ପକାନ୍ତୁ। ଏବେ ଗରମାଗରମ ସର୍ଭ କରନ୍ତୁ ଟେଷ୍ଟି ଅଣ୍ଡା ଚିଲ୍ଲି।

# ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ



ଏକ ଅଧ୍ୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଚାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂଜ୍ୟୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ସ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟାକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲିହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟିସୋଲ ସ୍ତର ବୃଦ୍ଧିପାଏ ।

# ଏହି ସବୁ ବର୍ଷାକାଳୀନ ଫଳ ଖାଇ ନିଜକୁ ଫିଟ୍ ରଖନ୍ତୁ: ଦୂରେଇ ଯିବ ଆଳସ୍ୟପଣ

ବର୍ଷାଦିନରେ ଶରୀରରେ ସାମାନ୍ୟ ଅଳସୁଆ ପଣ ଆସିଥାଏ। ଆଉ ବର୍ଷାଦିନେ ଆପଣ ଯଦି ନିଜ ଶରୀରକୁ ସକ୍ରିୟ ରଖିବାକୁ ଚାହୁଥାନ୍ତି ତେବେ ଆପଣଙ୍କୁ ସେହି ଅନୁସାରେ ଖାଦ୍ୟ ଖାଇବାକୁ ପଡ଼ିବ। ଆପଣ ଯେତେ ପରିମାଣରେ ଫଳ ଖାଇବେ ଶରୀର ଆପଣଙ୍କର ସେହି ଅନୁସାରେ ସୁସ୍ଥ ଓ ସକ୍ରିୟ ରହିବ। ବର୍ଷା ଦିନେ ବିଭିନ୍ନ ପ୍ରକାରର ସଂକ୍ରମଣାତ୍ମକ ରୋଗ ସବୁ ହୋଇଥାଏ। ହଜମଶକ୍ତି ମଧ କମ୍ ହୋଇଥାଏ। ତେଣୁ, ଏହି ଦିନରେ ନିଜ ଶରୀରକୁ ସୁସ୍ଥ ରଖିବା ପାଇଁ କେଉଁ ଫଳ ସବୁ ଖାଇବା ଦରକାର ଜାଣିରଖନ୍ତୁ...

◆ବର୍ଷା ଦିନେ ବଜାରରେ ପ୍ରଚୁର ପରିମାଣର ଜାମୁ କୋଳି ମିଳେ। ଜାମୁ କୋଳିରେ କ୍ୟାଲୋରି କମ୍ ଥାଏ। ମାତ୍ର ଏଥିରେ ପ୍ରଚୁର ପରିମାଣରେ ଆଇରନ୍, ଫୋଲେଟ୍, ପଟାସିୟମ୍ ଓ ଭିଟାମିନ୍ ରହିଛି। ଏହା ଶରୀର ପାଇଁ ଲାଭଦାୟକ ହୋଇଥାଏ।

◆ବର୍ଷା ଦିନେ ଲିଚି ଖାଇବା ବି ଶରୀର ପାଇଁ ଖୁବ୍ ଭଲ ହୋଇଥାଏ। ଏଥିରେ ଭିଟାମିନ୍ ସି ଥିବା ହେତୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ। ଏଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ୍ ଓଜନ ହ୍ରାସ କରାଇବାରେ ବି ସାହାଯ୍ୟ କରେ।

◆ବର କୋଳି ଖାଇବା ଦ୍ୱାରା ବି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହି ଦିନେ ବର କୋଳି ପ୍ରଚୁର ପରିମାଣରେ ମିଳିଥାଏ। ଆପଣ ଏହାକୁ ମଧ ଖାଇପାରିବେ।

◆ଚେରି ହେଉଛି ଆଉ ଏକ ବର୍ଷାଦିନିଆ ଫଳ। ଏହାକୁ ଖାଇବା ଦ୍ୱାରା ମସ୍ତିଷ୍କ ସୁସ୍ଥ ରହିଥାଏ।
ଆପଣ ଏହି ଦିନରେ ପ୍ରଚୁର ପରିମାଣର ଡାଳିମ୍ବ ମଧ ଖାଇପାରିବେ। ଏଥିରେ ଭରପୂର ପରିମାଣରେ ନିଉଟ୍ରିଏଣ୍ଟ୍ସ ରହିଛି।

◆ସେଓ ଏକ ଏପରି ଫଳ ଯାହାକୁ ଆପଣ ସବୁ ଋତୁରେ ଖାଇପାରିବେ।



# ଘରୋଇ ଉପାୟରେ କରନ୍ତୁ କେଶ ସିଧା

ଆପଣ ଯଦି କୌଣସି ପାର୍ଟି ଉତ୍ସବକୁ ଯାଉଛନ୍ତି ଏବଂ ଚାହୁଁଛନ୍ତି ଆପଣଙ୍କର କେଶ ବି କୌଣସି ହିରୋଇନ୍‌ଙ୍କ କେଶ ଭଳି ଚିକ୍କଣ ଓ ସିଧା ଦେଖାଯାଉ ବୋଲି ତେବେ ଚିନ୍ତା କରନ୍ତୁ ନାହିଁ। କାହିଁକି ନା, ଆଜି ଆମେ ଆପଣଙ୍କୁ ପାର୍ଲର ନ ଯାଇ ବିନା କୌଣସି କେମିକାଲ୍ ବ୍ୟବହାର ନ କରି ଘରୋଇ ଉପାୟ ଦ୍ୱାରା କେଶକୁ କିପରି ଚିକ୍କଣ ଓ ସିଧା କରାଯାଇପାରିବ ସେହି ବିଷୟରେ ଜଣାଇବୁ। ଆସନ୍ତୁ ଜାଣିବା ଏହା ବିଷୟରେ।

**ଆବଶ୍ୟକୀୟ ସାମଗ୍ରୀ :**
୧- ୧୦ ଚାମଚ ଏଲୋଭରା ଜେଲ୍
୨-୧ ଚାମଚ ନଡ଼ିଆର ତେଲ

**ପ୍ରସ୍ତୁତି :** ପ୍ରଥମେ ଆପଣ ଏଲୋଭରାରୁ ତାହାର ଭିତର ଅଂଶର ଜେଲ୍‌କୁ ବାହାର କରି ତାହାକୁ ଗ୍ରାଇଣ୍ଡର ସାହାଯ୍ୟରେ ଭଲକରି ପେସିଦିଅନ୍ତୁ। ଏହାପରେ ଆପଣ ଏକ ପାତ୍ରରେ ଏଲୋଭରା ଜେଲ୍‌ର ୧୦ ଚାମଚ ଏବଂ ଏକ ଚାମଚ ନଡ଼ିଆ ତେଲକୁ ଆଣି ତାହାକୁ ଭଲଭାବରେ ୨ରୁ ୩ ମିନିଟ୍ ପଯ୍ୟର୍ନ୍ତ ଫେଣ୍ଟି ଦିଅନ୍ତୁ। ଏଥିସହିତ ଆପଣ ଆପଣଙ୍କ କେଶର ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବରେ ଏହାକୁ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ। ଏହାପରେ ଆପଣ ଏହାକୁ ୧ ଘଣ୍ଟା ପର୍ଯ୍ୟନ୍ତ ରଖି କେଶକୁ ଥଣ୍ଡାପାଣି ସାହାଯ୍ୟରେ ଧୋଇଦିଅନ୍ତୁ। ଏହାପରେ ଆପଣ ନିଜେ ହିଁ ଅନୁଭବ କରିବେ କି କିଭଳି ଭାବରେ ଆପଣଙ୍କ କେଶ ପୂର୍ବାପେକ୍ଷା ସିଧା, ସୁନ୍ଦର, ଚିକ୍କଣ ଏବଂ ନରମ ହୋଇଯାଇଅଛି। ଆଉ ଯଦି ଆପଣ ଏହାର ଭଲ ଫଳାଫଳ ପାଇବାକୁ ଚାହୁଁଛନ୍ତି ତ, ତେବେ ଆପଣଙ୍କୁ ଏହି ଉପାୟର ଉପଯୋଗକୁ ନିରନ୍ତର ଭାବରେ ୧୦ ଦିନ ପର୍ଯ୍ୟନ୍ତ କରିବାକୁ ପଡ଼ିବ।



# ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ

ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର ଅବସାଦ ଲକ୍ଷଣ ଯାଞ୍ଚ କରିଥିଲେ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ଜୁନ୍ ୨୦୨୧, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭବିଷ୍ୟତ ବିପତ୍ତି...

କରୋନାର ଦ୍ୱିତୀୟ ଲହର ଏବେ ଦେଶରୁ ମହଳଣ ପଡ଼ିଆସିଥିବା ବେଳେ ସରକାର ଓ ଜନସାଧାରଣ କିଛିଟା ଆଶ୍ୱସ୍ତ ଅନୁଭବ କରିଛନ୍ତି । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଭାରତରୁ କରୋନା ସଂକ୍ରମଣ ସଂପୂର୍ଣ୍ଣ ରୂପେ ନିଶ୍ଚିହ୍ନ ହୋଇସାରିଛି । ଆରୋଗ୍ୟ ହାର ଏବେ ୯୭.୧୮ ପ୍ରତିଶତ ଛୁଇଁଛି, ତଥାପି କେତେକ ରାଜ୍ୟରେ ଏହାର ପ୍ରକୋପ ଉଦ୍‌ବେଗଜନକ ରହିଥିବା ଜଣାପଡ଼ିଛି । ତେଣୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ ଓଡ଼ିଶା ସମେତ ଆଠଟି ରାଜ୍ୟଙ୍କୁ ଏଥିପାଇଁ ତୁରନ୍ତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ସକାଶେ ପରାମର୍ଶ ଦେଇଛନ୍ତି । ଅନ୍ୟ ସାତଟି ରାଜ୍ୟ ହେଲା, ଅରୁଣାଚଳ ପ୍ରଦେଶ, ମଣିପୁର, ଆସାମ, ମେଘାଳୟ, ତ୍ରିପୁରା, ସିକିମ ଏବଂ କେରଳ । ଅର୍ଥାତ୍ କେରଳ ଓ ଓଡ଼ିଶାକୁ ଛାଡ଼ି ଅନ୍ୟ ଛଅଟି ରାଜ୍ୟ ହେଉଛନ୍ତି ଉତ୍ତର ପୂର୍ବାଞ୍ଚଳର । ସୂଚନାଯୋଗ୍ୟ ଯେ ଏବେ ଦେଶରେ ୭୩ଟି ଜିଲ୍ଲାରେ ପଜିଟିଭିଟି ହାର ୧୦ ପ୍ରତିଶତ ଉପରେ ରହିଛି ଏବଂ ସେଥିରୁ ୪୬ଟି ହେଉଛି ଉତ୍ତର ପୂର୍ବାଞ୍ଚଳରେ । ସେହିଭଳି କେରଳରୁ ହିଁ ଗତବର୍ଷ ସର୍ବପ୍ରଥମେ ଦେଶରେ କରୋନା ସଂକ୍ରମଣ ଆରମ୍ଭ ହୋଇଥିଲା ଏବଂ ଏହି ଭୂତାଣୁ ମହାମାରୀକୁ ନିୟନ୍ତ୍ରଣ କରିବାରେ ସେହି ରାଜ୍ୟ ଅନେକାଂଶରେ ସକ୍ଷମ ହୋଇଥିଲା ଯାହା ଫଳରେ କେରଳ ମଡେଲକୁ ଅନ୍ୟ କେତେକ ରାଜ୍ୟ ଆପଣାଇଥିଲେ । ସେହିଭଳି ଉତ୍ତର ପୂର୍ବାଞ୍ଚଳ କ୍ଷେତ୍ର କରୋନା ପ୍ରକୋପରୁ ଢେର୍ ଦିନ ପର୍ଯ୍ୟନ୍ତ ଅପେକ୍ଷାକୃତ ଭାବେ ସୁରକ୍ଷିତ ରହିବା ପରେ ଏବେ ସେଠାରେ ଏହାର ପ୍ରକୋପ ଅଧିକ ମାତ୍ରାରେ ପରିଲକ୍ଷିତ ହୋଇଛି । ବର୍ତ୍ତମାନ ଅରୁଣାଚଳ ପ୍ରଦେଶର ମୋଟ ୨୫ଟି ଜିଲ୍ଲା ମଧ୍ୟରୁ ୧୯ଟି ଏବଂ ଆସାମର ୩୩ଟି ଜିଲ୍ଲା ମଧ୍ୟରୁ ୨୯ଟିରେ ସଂକ୍ରମଣ ହାର ୧୦ ପ୍ରତିଶତ ଉର୍ଦ୍ଧ୍ୱରେ ରହିଛି । ଓଡ଼ିଶାରେ ମଧ୍ୟ କରୋନା ସଂକ୍ରମଣ ଯଥେଷ୍ଟ ନିୟନ୍ତ୍ରଣରେ ଥିଲା । କିନ୍ତୁ ଏବେ ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ନଅଟି ଜିଲ୍ଲାରେ ଦୈନିକ ସଂକ୍ରମଣ ମାତ୍ରା ୧୦୦ ଉପରେ ରହିଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଟୁଇଟ୍‌ରୁ ଜଣାପଡ଼ିଛି । ଦ୍ୱିତୀୟ ଲହର ସମୟରେ ଗୋଟିଏ କଥା ବିଶେଷ ଭାବେ ପରିଲକ୍ଷିତ ହୋଇଛି । ତାହା ହେଲେ ଦେଶର କେତେକ ରାଜ୍ୟ ଏବଂ କେତେକ ଜିଲ୍ଲାର ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ସଂକ୍ରମଣ ମାତ୍ରା ଅଧିକ ବୋଲି ଜଣାପଡ଼ିଛି । ସଂକ୍ରମଣ ମାତ୍ରା ବୃଦ୍ଧିର କାରଣ ସେଠାରେ ଲୋକମାନଙ୍କ ସାମାଜିକ ଆତଯାତ ଓ ଚଳପ୍ରଚଳରୁ ହିଁ ଅନ୍ୟମାନଙ୍କୁ ସଂପ୍ରସାରିତ ହେଉଛି । ଲକ୍‌ଡାଉନ୍ ଓ ସଟ୍‌ଡାଉନ୍ ତଥା ଅନ୍ୟାନ୍ୟ କଟକଣା ସତ୍ତ୍ୱେ ତାହାର ପାଳନରେ କିଛି ତ୍ରୁଟି ରହୁଥିବା ଅନୁମାନ କରାଯାଇପାରେ । ତେଣୁ ସେହିସବୁ ଅଞ୍ଚଳକୁ ଚିହ୍ନଟ କରି ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଜରିଆରେ ସଂକ୍ରମଣକୁ ନିୟନ୍ତ୍ରଣ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାରମ୍ବାର ପରାମର୍ଶ ଦିଆଯାଇ ଆସୁଛି । ଗତ କିଛି ଦିନ ତଳେ ଓଡ଼ିଶା ସମେତ ଛଅଟି ରାଜ୍ୟକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିବିଧ ବିଶେଷଜ୍ଞ ଦଳ ପଠାଯାଇଥିଲା । ସେମାନେ କରୋନା ସଂକ୍ରମଣ ନିୟନ୍ତ୍ରଣ ନିମନ୍ତେ ରାଜ୍ୟ ସରକାରମାନଙ୍କୁ ପରାମର୍ଶ ଦେବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା କହିଥିଲେ । ଏବେ ଆଠଟି ରାଜ୍ୟଙ୍କୁ କରୋନା ନିୟନ୍ତ୍ରଣ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏହା ସୂଚୀତ କରେ ଯେ ଦେଶର ଏହିସବୁ ରାଜ୍ୟର ନିର୍ଦ୍ଦିଷ୍ଟ ଜିଲ୍ଲାଗୁଡ଼ିକରେ କରୋନା ବୋଲି ମାନୁନାହିଁ ଏବଂ ଏହାକୁ ନିୟନ୍ତ୍ରଣ କରିବା ସକାଶେ ଆଉ କିଛି କଠୋର ପଦକ୍ଷେପ ଗ୍ରହଣର ଆବଶ୍ୟକତା ରହିଛି । ସରକାରଙ୍କ ତରଫରୁ ପାଞ୍ଚସୂତ୍ରୀ ପଦକ୍ଷେପ; ଯଥା, ଟେଷ୍ଟିଂ, ଟ୍ରେସିଂ, ଟ୍ରିଟମେଣ୍ଟ, ଟିକାକରଣ ଏବଂ କୋଭିଡ ପ୍ରତିରୋଧୀ ଉପଯୁକ୍ତ ଆଚରଣ ଅବଲମ୍ବନ ନିମନ୍ତେ ବାରମ୍ବାର ରାଜ୍ୟମାନଙ୍କୁ ସତର୍କ କରାଯାଇ ଆସୁଛି । ସମ୍ପ୍ରତି ଯେତେବେଳେ ସମ୍ଭାବ୍ୟ ତୃତୀୟ ଲହରର ଦ୍ୱାରଦେଶରେ ଦେଶ ଦଣ୍ଡାୟମାନ, ସେତେବେଳେ ଏଥିରେ ତିଳେହେଲେ ଅବହେଳା ପ୍ରଦର୍ଶନ ନକରି ଦ୍ୱିତୀୟ ଲହରର ପ୍ରକୋପକୁ ସେହିସବୁ ଜିଲ୍ଲାଗୁଡ଼ିକରୁ କମାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଆବଶ୍ୟମ୍ଭାବୀ ହୋଇପଡ଼ିଛି । କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଘଟିଥିବା ସଂପ୍ରସାରଣ ଓ ଅଦଳବଦଳ ପରେ ଏବେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୂଆ ମଙ୍ଗୁଆଳ ହୋଇଛନ୍ତି ମନସୁଖ ମାଣ୍ଡଭିୟ । ତାଙ୍କ ନେତୃତ୍ୱରେ କରୋନା ଦେଶ କେତେ ଶୀଘ୍ର କରୋନା ଉପରେ କାବୁ ପାଉଛି ତାହା ଲକ୍ଷ୍ୟ କରିବା କଥା ।

## ପରିଣତ ବୟସରେ ଶାନ୍ତି ପ୍ରାପ୍ତିର ମାର୍ଗ



**ପ୍ରଦୀପ୍ତ ଆଚାର୍ଯ୍ୟ**

ପ୍ରତ୍ୟେକ ମନୁଷ୍ୟ ତାର ଜୀବଦଶା ମଧ୍ୟରେ ଶୈଶବ, କୈଶୋର, ଯୌବନ, ପ୍ରୌଢ଼ ଏବଂ ବୃଦ୍ଧାବସ୍ଥା ଦେଇ ଗତି କରିଥାଏ।ସମସ୍ତ ଅବସ୍ଥାର ଅନୁଭବ, ଅଭିଜ୍ଞତା ଓ ଚଳଣି ପ୍ରାକୃତିକ ନିୟମ ଅନୁଯାୟୀ ଭିନ୍ନ ଭିନ୍ନ ହୋଇଥାଏ। କିନ୍ତୁ ସମସ୍ତଙ୍କ କ୍ଷେତ୍ରରେ ଜୀବନର ଶେଷ ଅବସ୍ଥା ବା ବାର୍ଦ୍ଧକ୍ୟ ଅବସ୍ଥା କ୍ଲିଷ୍ଟ, ଦୁର୍ବିସହ ଓ ଅରୁଚିକର ପ୍ରତୀୟମାନ ହୁଏ।ଏହା ଏକ ପ୍ରାକୃତିକ ପ୍ରକ୍ରିୟା। ଯେଉଁ ଯେଉଁ କାରଣରୁ ବୃଦ୍ଧାବସ୍ଥାରେ ଜୀବନ ପ୍ରତି ବିତୃଷ୍ଣା ଆସିଥାଏ, ସେଥିମଧ୍ୟରୁ କେତେକ ପ୍ରାକୃତିକ ଏବଂ ସାମାଜିକ କାରଣ ପ୍ରଣିଧାନ ଯୋଗ୍ୟ।ବାର୍ଦ୍ଧକ୍ୟର ପ୍ରାକୃତିକ ସମସ୍ୟା ଚିରାଚରିତ,ଏହାକୁ କୌଣସି ପ୍ରକାରେ ଟାଳି ହେବ ନାହିଁ। କିନ୍ତୁ ସାମାଜିକ ସମସ୍ୟା ସ୍ଥଳ ବିଶେଷରେ ବିଭିନ୍ନ ପ୍ରକାର ହୋଇଥାଏ। (୧) ପ୍ରାକୃତିକ କାରଣ ମଧ୍ୟରୁ ପ୍ରଥମ ହେଲା ଶାରୀରିକ ଅସୁସ୍ଥତା। ବୃଦ୍ଧାବସ୍ଥାରେ ଶରୀରର ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ହେବାରୁ, ମନୁଷ୍ୟ ବିଭିନ୍ନ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ ଏବଂ ଉପଯୁକ୍ତ ଚିକିତ୍ସା ପରେ ମଧ୍ୟ ସୁସ୍ଥ ହେବା କଷ୍ଟକର ହୁଏ। (୨)ବୟସାଧିକ ହେତୁ ଇନ୍ଦ୍ରିୟ ଗୁଡିକ ଦୁର୍ବଳ ହୋଇଯାଏ। ପୂର୍ବରୁ ଆସ୍ୱାଦନ କରିଥିବା ଇନ୍ଦ୍ରିୟାନୁଭୂତିର ଆନନ୍ଦର ସ୍ମୃତି ଭୀଷଣ ମାନସିକ ଯନ୍ତ୍ରଣା ପ୍ରଦାନ କରିଥାଏ। ଯଥା କିଛି ସୁନ୍ଦର ବସ୍ତୁ ଦେଖିବାକୁ ଇଚ୍ଛା ଥିଲେ, ବହି ପଢିବାକୁ ଆଗ୍ରହ ଥିଲେ ମଧ୍ୟ ଦୃଷ୍ଟି ଶକ୍ତି ହ୍ରାସ ଯୋଗୁ ସମ୍ଭବ ହୋଇ ନଥାଏ,କାହାରି ଭଲ କଥା ଶୁଣିବାକୁ ଆଗ୍ରହ ଥିଲେ ମଧ୍ୟ ଦୁର୍ବଳ ଶ୍ରବଣ ଶକ୍ତି ବାଧକ ସାଜେ। ପ୍ରବଳ ଖାଦ୍ୟ ଆଶକ୍ତି ଥାଇ ମଧ୍ୟ,ଦନ୍ତଶୂନ୍ୟ ମୁଖରେ କଠିନ ଖାଦ୍ୟ ନଖାଇ ପାରିବା, ତଥା କଷ୍ଟେ ମଷ୍ଟେ ଖାଇଦେଲେ ବି ଜୀର୍ଣ୍ଣ କରିବାର ଅକ୍ଷମତା, ବହୁତ ଅସୁବିଧା ସୃଷ୍ଟି କରିଥାଏ। (୩) ସବୁଠାରୁ ବଡ କଷ୍ଟ ହେଲା ନିଃସଙ୍ଗତା। ବୟସ୍କ ମାନେ ସବୁବେଳେ ଇଚ୍ଛା କରନ୍ତି, ମୋ ପାଖରେ କେହି ବସନ୍ତୁ, ମୋସାଙ୍ଗରେ ଗପନ୍ତୁ, ଯାହାକି ଅନେକ କ୍ଷେତ୍ରରେ ସମ୍ଭବ ହୋଇ ପାରିନଥାଏ । ଆଧୁନିକ ବ୍ୟସ୍ତବହୁଳ ଜୀବନ ଶୈଳୀ ଯୋଗୁଁ ବୟସ୍କ ମାନଙ୍କର ଉତର ଦାୟାଦ ମାନେ, ସେମାନଙ୍କ ପାଇଁ ସମୟ ଦେବାରେ ଅସମର୍ଥ ହୁଅନ୍ତି ଏବଂ ଅନେକ ଲୋକ, ବୟସ୍କ ମାନଙ୍କୁ ଅଦରକାରୀ ତଥା ବୋଝ ମନେକରି, ଇଚ୍ଛାକୃତ ଅବହେଳା ପ୍ରଦର୍ଶନ କରନ୍ତି। (୪)ବୟସ୍କ ମାନେ ଚିରାଚରିତ ଅଭ୍ୟାସ ବଶତଃ, ତାଙ୍କର ଉତର ଦାୟାଦ ମାନଙ୍କୁ ଦେଉଥିବା ପରାମର୍ଶ ଓ ନିର୍ଦ୍ଦେଶ କାର୍ଯ୍ୟକାରୀ ନହେଲେ, ଭୀଷଣ ଭାବରେ ମାନସିକ ଆଘାତ ପାଆନ୍ତି। (୫) ସାଧାରଣତଃ ବୃଦ୍ଧାବସ୍ଥାରେ ସହନଶୀଳତା ଓ ଧୈର୍ଯ୍ୟ ହ୍ରାସ ପାଇଥିବାରୁ, ସେମାନଙ୍କ ଆକାଂକ୍ଷା ପୂରଣର ସାମାନ୍ୟ ଅବହେଳା ବା ବିଳମ୍ବକୁ ସହ୍ୟ ନକରି ବିରକ୍ତି ପ୍ରକାଶ କରନ୍ତି, ଯଦ୍ୱାରା ପରିବାରରେ ଅଶାନ୍ତି ସୃଷ୍ଟି ହୁଏ। ପ୍ରବାଦ ଅଛି "ବାଳ ବୃଦ୍ଧ ସମାନ" ସେମାନେ ଅସହାୟ ଏବଂ ପରିବାରର ସଦସ୍ୟଙ୍କ ଯତ୍ନ ଓ ସହାୟତା ସେମାନଙ୍କ ପାଇଁ ଆବଶ୍ୟକ ହୋଇଥାଏ। କିନ୍ତୁ ଭବିଷ୍ୟତ ବଂଶଧର, ଶିଶୁର ଯତ୍ନ ନିମନ୍ତେ ଯେଉଁ ଆଗ୍ରହ ଓ ଆନ୍ତରିକତା ପରିଲକ୍ଷିତ ହୁଏ, ଅତୀତ ହେବାକୁ ଯାଉଥିବା ବଂଶଧର, ବୟସ୍କ ମାନଙ୍କ କ୍ଷେତ୍ରରେ ତାହା ହୁଏ ନାହିଁ। ଏହା ମଧ୍ୟ ଈଶ୍ୱରଦତ ପ୍ରାକୃତିକ ମାନସିକତାର ନିୟନ୍ତ୍ରଣାଧୀନ। ତେଣୁ ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କ ଜୀବନରେ, ନିଶ୍ଚିତ ଘଟୁଥିବା ଉପରୋକ୍ତ ଆଲୋଚିତ ସମସ୍ୟା ଗୁଡ଼ିକୁ, ସେମାନେ କିପରି ଧୈର୍ଯ୍ୟର ସହିତ ସମ୍ମୁଖୀନ ହୋଇ, ସେମାନଙ୍କର କଷ୍ଟକୁ କିୟଦାଂଶରେ ଲାଘବ କରିପାରିବେ, ସେ ବିଷୟରେ କିଂଚିତ ଆଲୋକପାତ କରିବା।(୧) ସର୍ବ ପ୍ରଥମେ ବୟସ୍କ ବ୍ୟକ୍ତି ମାନେ ସେମାନଙ୍କର ଧୈର୍ଯ୍ୟ ଓ ସହନଶୀଳତାର ସୀମାକୁ ବୃଦ୍ଧି କରିବାକୁ ପଡିବ। ଯାହା ନିଶ୍ଚିତ ଘଟିବ, ସେଥିପାଇଁ ଅତ୍ୟଧିକ ବିଚଳିତ ବା ବିବ୍ରତ ନହେବା ଉଚିତ। "ଜାତସ୍ୟ ହି ଧ୍ରୁବ ମୃତ୍ୟୁ" ମୃତ୍ୟୁ ନିଶ୍ଚିତ ଆସିବ ଏବଂ ଥରେ ଆସିବ, ତେଣୁ ମୃତ୍ୟୁ ପୂର୍ବରୁ, ବାରମ୍ବାର ମୃତ୍ୟୁ ଭୟର ଆଶଙ୍କାରେ ବିଚଳିତ ହେବା ଅନାବଶ୍ୟକ। (୨) ଶରୀରର ସୁସ୍ଥତା ରକ୍ଷା ନିମନ୍ତେ, ସନ୍ତୁଳିତ ଆହାର ଗ୍ରହଣ ଓ ଶରୀରକୁ ସୁହାଇବା ପରି ହାଲୁକା ବ୍ୟାୟାମ ଅଭ୍ୟାସ ଜାରି ରଖିବା ଏକାନ୍ତ ଆବଶ୍ୟକ। (୩) ମାନସିକ ଶାନ୍ତି ପ୍ରାପ୍ତି ନିମନ୍ତେ, ଈଶ୍ୱରଙ୍କୁ ପ୍ରାର୍ଥନା, ସତସଙ୍ଗ, ଭଗବତ୍ ଚିନ୍ତନ ଓ ସର୍ବୋପରି ଛୋଟ ଛୋଟ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ଉଚିତ୍। (୪)ଘରେ ବିନା କର୍ମରେ ବସି ନରହି, ସୁବିଧା ଥିଲେ, ବଗିଚାରେ ଫୁଲ ଗଛର ଯତ୍ନ,ଗୃହପାଳିତ ପଶୁପକ୍ଷୀ ମାନଙ୍କ ସହିତ ଆତ୍ମୀୟତା, ନିଜରୁଚି ଅନୁସାରେ ସୁମଧୁର ସଙ୍ଗୀତ ଶୁଣିବା, ଖବର କାଗଜ ପଢିବା ଏବଂ ଛୋଟ ପିଲା ମାନଙ୍କ ସହିତ ସମୟ ବିତାଇବା ଦ୍ୱାରା ଭାରାକ୍ରାନ୍ତ ମନ ନିଶ୍ଚୟ ହାଲୁକା ହୋଇଯିବ। (୫) ଆଜିକାଲି ସମାଜରେ ବୟସ୍କ ବ୍ୟକ୍ତି ମାନଙ୍କ ନିମନ୍ତେ,ଗଠିତ ହୋଇଥିବା "ବରିଷ୍ଠ ନାଗରିକ ମଂଚ, ଅବସରପ୍ରାପ୍ତ କର୍ମଚାରୀ ସଂଘ" ଭଳି ଅନୁଷ୍ଠାନ ମାନଙ୍କରେ ସଦସ୍ୟତା ଗ୍ରହଣ କରି, ସମ ବୟସ୍କ ଓ ସମ ମନୋଭାବାପନ ବ୍ୟକ୍ତି ମାନଙ୍କ ସହିତ ଭାବ ବିନିମୟ କରିବାରେ ସମୟ ବିନିଯୋଗ କରିବା ଆବଶ୍ୟକ। (୬) ପରିବାରରେ ଏବଂ ସମାଜରେ ଛୋଟ ଛୋଟ କଥାରେ କ୍ରୋଧ ଅଭିମାନ ନକରି ଉଦାରତା ପ୍ରଦର୍ଶନ କରିଲେ, ସମସ୍ତଙ୍କର ଶ୍ରଦ୍ଧାଭାଜନ ହେବା ଅବଶ୍ୟମ୍ଭାବୀ। (୭)ଯୁଗ ପରିବର୍ତ୍ତନ ସାଥିରେ ତାଳ ଦେଇ ଚଳଣି ବଦଳି ଯାଉଥିବାରୁ,ନିଜ ସମୟର ଚଳଣି କୁ ପିଲାଙ୍କ ସମୟର ଚଳଣି ସାଙ୍ଗରେ ତୁଳନା କରି,ଏ ସମୟର ଚଳଣି ନିମ୍ନ ମାନର,ସଂସ୍କାର ବିହିନ ଏକଥା ପିଲା ମାନଙ୍କ ଆଗରେ ବାରମ୍ବାର କହିବା ଉଚିତ୍ ନୁହେଁ। (୮)କେହି ଯଦି ପରାମର୍ଶ ବା ଶିକ୍ଷା ନଚାହୁଁଛନ୍ତି, ସେମାନେ ଭୁଲ୍ କରୁଥିଲେବି, ଆପଣ ତାର ସମାଧାନ ଜାଣିଥିଲେ ମଧ୍ୟ, ନୀରବ ରହିବା ବିଜ୍ଞତାର ପରିଚୟ। (୯) ପିଲା ମାନଙ୍କ ଠାରୁ କୃତଜ୍ଞତା ଆଶା କରିବା ଉଚିତ୍ ନୁହେଁ, ସେମାନେ ଯେତିକି କୃତଜ୍ଞ ହେଉଛନ୍ତି, ସେତିକିରେ ସନ୍ତୁଷ୍ଟି ପ୍ରକାଶ କରିବା ଦରକାର। (୧୦) ବୃଦ୍ଧକାଳରେ ଦମ୍ପତି ମାନଙ୍କର ପରସ୍ପର ପ୍ରତି ନିବିଡତା ଓ ନିର୍ଭରଶୀଳତା ବୃଦ୍ଧି ପାଇଥାଏ, ତେଣୁ ପରସ୍ପର ପ୍ରତି ଅନୁରକ୍ତ ରହିବା ଉଚିତ୍। (୧୧)ବେଳେ ବେଳେ ନିଜର ନାତି ନାତୁଣି ମାନଙ୍କ ସହିତ ସମୟ ବିତାଇବାକୁ ପ୍ରବଳ ଇଚ୍ଛା ଥିଲେ ମଧ୍ୟ, ସେମାନଙ୍କର ଉପରେ ସେମାନଙ୍କର ପିତାମାତାଙ୍କ ପାଠପଢା ତାଗିଦା ଯୋଗୁ ସମ୍ଭବପର ହୋଇନଥାଏ। ତେଣୁ ବିକଳ୍ପ ଭାବରେ, ପଡିଶା କିମ୍ବା ବସ୍ତିର ଦରିଦ୍ର ଅସହାୟ ପିଲାମାନଙ୍କ ପ୍ରତି,ନିଜ ରୋଜଗାରର କିୟଦାଂଶ ନିଜେ ବା କୌଣସି ସ୍ୱେଚ୍ଛାସେବି ଅନୁଷ୍ଠାନ ଦ୍ୱାରା ବ୍ୟୟକରି ସହଯୋଗର ହସ୍ତ ପ୍ରସାରିତ କଲେ, ତାଙ୍କ ମୁଖମଣ୍ଡଳର ତୃପ୍ତି ସଂଦର୍ଶନ, ଯେଉଁ ଆନନ୍ଦ ପ୍ରଦାନ କରିବ, ତାହା ପୃଥିବୀର ଚରମ ଓ ଶ୍ରେଷ୍ଠ ଆନନ୍ଦ, ଏହା ନିଃସନ୍ଦେହ। ଗଲାବେଳେ ସାଙ୍ଗରେ କିଛି ନେବାନାହିଁ ଜାଣି ମଧ୍ୟ ସମସ୍ତେ ମୋହାଚ୍ଛନ୍ନ। ଦାନର ଆନନ୍ଦ ଅନୁଭବୀ ହିଁ ଜାଣେ।ଯଦି ଆୟ କରିଥବା ଅର୍ଥରୁ କିଛି ବ୍ୟୟ କରି, ଅସହାୟ ନିଷ୍ପାପ ପିଲାମାନଙ୍କର ସ୍ମିତହାସ୍ୟ କୁ କ୍ରୟ କରିହେବ, ଯଦି କିଛି ସ୍ନେହ ଆଦର ବିନିମୟରେ, ସେମାନଙ୍କର ଆତ୍ମୀୟତାକୁ କ୍ରୟ କରି ହେବ, ତେବେ ତାହାତ କେବଳ ମାନସିକ ଶାନ୍ତି ପ୍ରଦାନ କରିବ ନାହିଁ, ପରନ୍ତୁ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇ, ଦୀର୍ଘାୟୁ କରାଇ ପାରିବ।ଏ ସୁନ୍ଦର ପୃଥିବୀରୁ ଚିରଦିନ ପାଇଁ ବିଦାୟ ନେଇ ଚାଲିଯିବା ବେଳେ, ଯଦି ରକ୍ତ ସଂପର୍କୀୟ ହୋଇ ନଥିବା କୌଣସି ବ୍ୟକ୍ତିର ମନ ବିଷାଦରେ ଭରିଗଲା, ଅସହାୟ ନିଷ୍ପାପ କୌଣସି ପିଲାର ଚକ୍ଷୁରୁ, ଗୋଟିଏ ବୁନ୍ଦା ଦୁଃଖାଶ୍ରୁ ନିର୍ଗତ ହୋଇଗଲା, ତେବେ ତାଠାରୁ ଆଉ ବଡ ଜିନିଷ କଣ ଥାଇପାରେ ?


+ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ଈଶାଣୀବ୍ରହ୍ମପୁର,କଟକ।
ମୋ-୬୩୭୧୫୯୩୨୨୦


## ଅବିନାଶୀସତ୍ତାଙ୍କର ପୁଣି ନବକଳେବର

**ଶ୍ରୀମତୀ ସ୍ନେହଲତା ଷଡଙ୍ଗୀ**

ଜନ୍ମ ଓ ମୃତ୍ୟୁର ଉର୍ଦ୍ଧ୍ୱରେ ସେ ନବକଳେବରର ମହାନାୟକ!! ସତରେ କଣ ତାର ବି ମୃତ୍ୟୁ ଥାଇପାରେ? ସେ ତ ପରଂବ୍ରହ୍ମ, ତାର ପୁଣି ନବକଳେବର? ବୋଧହୁଏ ମୃତ୍ୟୁର କଠୋର ସତ୍ୟକୁ ଉପଲବ୍ଧି କରାଇବା ପାଇଁ ତାର ଏହି ମାନବୀୟ ଲୀଳାର ସଂରଚନା କରିଛି।ଯେଉଁଥି ପାଇଁ ମନ୍ଦିର, ପ୍ରଶାସନ, ରାଜାଠାରୁ ପ୍ରଜା ସମସ୍ତେ ଏହି ମହା ଆୟୋଜନରେ ଲାଗିଯାନ୍ତି। କୋଇଲି ବୈକୁଣ୍ଠ ହାତଠାରି ଡାକେ ତାକୁ,ପରମ ଶାନ୍ତିରେ ତା କୋଳରେ ତାକୁ ଜଡେଇ ନେବାପାଇଁ।ବାରବର୍ଷରେ ବାରଥର ବଡଦାଣ୍ଡରେ ଅମୃତ ବାଣ୍ଟିଥିବା ତାର ସେଇ ଦାରୁ କାୟା ସେଠାରେ ବିଶ୍ରାମ ଲଭେ। ଅସହ୍ୟ ନୀରବତାରେ ଭରିଯାଏ ମନ୍ଦିର ବେଢା।ଆକାଶ, ପାଣି, ପବନ, ବୃକ୍ଷଲତା, ଦୁଃଖୀ-ରଙ୍କି-ଧନୀ ଭକ୍ତମାନେ ଦୁଃଖୀ ହୋଇଯିବେ ସିନା। ପରେ ତାର ପ୍ରତ୍ୟାଗମନ ଚିନ୍ତା କରି ଆନନ୍ଦରେ ପୁଲକିତ ହୋଇ ଉଠିବେ । ମାତ୍ର ତାର ସେଇ ରୂପକାନ୍ତି ବହନ କରୁଥିବା ଦାରୁ ଶରୀର ଲୁଚିଯାଇଥିବ ମାଟି କୋଳରେ। ଯଦି ସାକାର ରୂପର ମହତ୍ତ୍ୱ ଅଛି, ତା ହେଲେ ସ୍ଥୂଳ ଶରୀର କ୍ଷୟର କଣ ଦୁଃଖ ନାହିଁ? ସେଇ ଅକଳନୀୟ ଦୁଃଖ ଭକ୍ତ ଭୋଗ କରେ। ସେ ଆଦୌ ଗ୍ରହଣ କରିପାରେନା ତାର ଏହି ମୃତ୍ୟୁକୁ। ଅବଶ୍ୟ ସେ ଫେରିଆସେ ସେଇ ରୂପରେ, ନୂତନ ଦାରୁ ବିଗ୍ରହରେ ରତ୍ନବେଦୀ ଉପରେ ପୁନଃ ସ୍ଥାପିତ ହୁଏ, ଭକ୍ତମାନେ ଭୁଲିଯାନ୍ତି ତାର ସେଇ ପୂର୍ବ ସାକାର ରୂପକୁ। ଗହଗହ ନାଦରେ ପୂରି ଉଠେ ଗଗନ ପବନ ଓ ସାରା ସଂସାର।ଭକ୍ତର ଅଶାନ୍ତ ମନ ଶାନ୍ତ ହୋଇଯିବ ତାର ନୂଆରୂପ ଦେଖି। ସୃଷ୍ଟିରେ ଏ କି ନିୟମ ଗଢିଛି ଦାରୁଦେବତା କେଜାଣି,ସେ ନିଜେ ବି ସେଇ ନିୟମକୁ ପ୍ରତିହତ କରିପାରୁ ନାହିଁ, ପୁନର୍ବାର ଫେରୁଛି ସିନା ହେଲେ ମଣିଷର କାୟା ପରିବର୍ତ୍ତନ ହେଲେ ସେ ସବୁକିଛି ହରାଏ, ସେଇ ରୂପ ଚେହେରାକୁ କଣ ଫେରିପାନ୍ତି ତାର ଆତ୍ମୀୟ ସ୍ୱଜନ? କେଡେ ଦାରୁଣ, ନିର୍ମମ ଓ ନିଷ୍ଠୁର ସତ ମଣିଷର କାୟା ପରିବର୍ତ୍ତନ। ମୃତ୍ୟୁ ତ ତାର ସ୍ଥିତିକୁ ପୂରାପୂରି ବଦଳାଇ ଦିଏ, ସେ ଫେରେ ଆଉ କାହାପାଇଁ ପରିବର୍ତ୍ତିତ ଶରୀରରେ। କିନ୍ତୁ ଦାରୁବ୍ରହ୍ମଙ୍କର ସେଇ ରୂପ, ସେଇ ନୀତି,ସେଇ ଭକ୍ତଗଣ ତା ପାଖେ ପାଖେ ସେଇ ଭାବରେ ହିଁ ଡାକୁଥିବେ ମଣିମା!! ମଣିମା!! ସେ ପୁଣି ଫେରି ଆସନ୍ତି ଆମ ପାଖକୁ, ବାହୁ ପ୍ରସାରି ଡାକନ୍ତି ଆମକୁ, ଭକ୍ତ ଚାଲିଆରେ ମୋ ପାଖକୁ, ତୋର ସମସ୍ତ ଦୁଃଖକୁ ଅଜାଡି ଦେଇ ମୋ ଝୁଲିରେ ଶରଣାଗତ ହେଇଯା ମୋର, ଦେଇଦେ ତୋ ହୃଦୟଟା ମୋତେ, ବାସ୍,ତୋର ସମସ୍ତ ଯୋଗକ୍ଷେମ ମୁଁ ସମ୍ଭାଳିନେବି, ଝାଡିଦେବି ତୋର ସବୁ କ୍ଲେଶ, ମୁଁ ତୋଠାରୁ ଚାଲିଯାଇନାହିଁ, ପୁଣି ତୋ ପାଖକୁ ଫେରି ଆସିଲି ପରା। ମୁଁ ତୋ ଭାବର ଅଧୀନ,ତୋ ଭାବ ବ୍ୟତୀତ ମୋର ଆଉ କିଛି ଦରକାର ନାହିଁରେ। ମୁଁ କଣ ସବୁଦିନ ପାଇଁ ତୋଠାରୁ ଚାଲିଯାଇଥିଲି? ମୁଁ ଅଦୃଶ୍ୟ ଭାବେ ତୋ ପଖରେ ରହି ତୋର ଭାବକୁ ଉପଭୋଗ କରୁଥିଲି। ଭକ୍ତ ସେଇ ପ୍ରଶାନ୍ତ ରୂପକୁ ଦେଖି ସନ୍ତାପିତ ପ୍ରାଣକୁ ଶାନ୍ତି କଲାବେଳେ କହି ଉଠେ, ତୁମେ ଫେରିଲ ଭାବଗ୍ରାହୀ? କାହିଁକି ଏତେ ମାୟା ଲଗେଇଲ କାଳିଆ ଧନ? ଏତେ ଛଳନା କରି ତୁମେ କି ଆନନ୍ଦ ପାଉଛ କହିଲ? ଆଉ କେବେ ଏମିତି ଛାଡିଯିବ ନାହିଁ ତ? ମୋତେ କଥା ଦିଅ ପ୍ରାଣପ୍ରିୟ, ତୁମେ ଏଇ ରୂପରେ ହିଁ ଯୁଗଯୁଗକୁ ଏମିତି ରହିଥିବ। ରହିବ ନା??


+ ହିଲ୍ଟାଉନ୍,ଇଷ୍ଟ ଲେନ୍-୩,
ଭବାନୀପାଟଣା
ମୋ: ୮୨୪୯୪୪୦୮୬୫


## ତିନିଗୋଡ଼ିଆ ଦୌଡ଼



**ଅଜୟ କୁମାର ବେହେରା**

ଏକ ବ୍ୟକ୍ତିର ଦୁଇଗୋଡ। ଯଦି ଲୋକ ସଂସାରୀ ତେବେ ସେ ଯଦି ତାର ଯୌବନ କାଳରେ ଏକ ଜୀବନ ସାଥି ଗ୍ରହଣ କରିବ ତେବେ ଆଉ ଦୁଇଗୋଡ ମିଳିଯିବ। ମାତ୍ର ସଂସାର ଦୌଡ଼ ପାଇଁ ପ୍ରକୃତରେ ଚାରି ଗୋଡ ଆବଶ୍ୟକ ହୋଇନଥାଏ ଦରକାର ତିନିଗୋଡ। ଏପରି ଜଣେ ସନ୍ନ୍ୟାସୀ ଜୀବନ ଯାପନ ପାଇଁ ଆବଶ୍ୟକ ଏକ ଗୁରୁ ପରମ୍ପରାର 'ଗୁରୁ'। ଆଉ ନିଜକୁ ସେଥିରେ ସାମିଲ କରି ସେ ପରମ୍ପରାରେ ଦୌଡ଼ ବା ଚାଲିବାରେ ଲାଗିବାକୁ ହେବ। ପ୍ରତି କ୍ଷେତ୍ରରେ ସ୍ୱାଧୀନତା, ନିୟମ, ପରମ୍ପରାରେ ଚଳିବାକୁ ପଡ଼େ। ଏଥିପାଇଁ ସହଭାଗୀ ଏକ ବନ୍ଧନରେ ହେବାକୁ ହୁଏ।

ତିନି ଗୋଡିଆ ଦୌଡ଼ରେ ଦୁଇଜଣ ଏକ ପଥକୁ ମୁଖ କରି ଜଣଙ୍କର ଡାହାଣ ଗୋଡ ଜଣକର ବାମ ଗୋଡକୁ ବାନ୍ଧି ଦିଆଯାଇ ଏକ ଦୌଡ଼ ପ୍ରତିଯୋଗୀରେ ଭାଗ ନେବାକୁ ଦିଆଯାଏ। ଏହି ସଂସାରରେ ଚଳିବା ପାଇଁ ସ୍ୱାମୀ-ସ୍ତ୍ରୀ, ଗୁରୁ-ଶିଷ୍ୟ, ରାଜା କାନୁନ ଓ ଉପଭୋକ୍ତ ପ୍ରଜା, କର୍ମଦାତା ସଂସ୍ଥା ଓ କର୍ମଚାରୀ, ସମୟ ଓ କର୍ତ୍ତା। ପ୍ରକୃତରେ ଏକ ରାହା ପାଇଁ ପରସ୍ପର ୧/୧ ପାଦଛନ୍ଦା ତିନିଗୋଡ ଦୌଡ଼ରେ ରହୁଛନ୍ତି। ଏଥିରେ ଦୁଇଜଣଙ୍କ ମସ୍ତିଷ୍କ ଏକ ନୁହଁ। ମାଂସପେଶୀ ଶକ୍ତି ଏକ ନୁହଁ, ଏପରିକି ଦୁଇଜଣଙ୍କର ଶରୀର ଦକ୍ଷତାକୁ ମାନସିକ ଚିନ୍ତନ ଏକ ନୁହଁ ହେଲେ ଚାଲିବାକୁ ହେବ ଦୌଡ଼ିବାକୁ ହେବ ପ୍ରଗତି ପାଇଁ ଆଗେଇ ଚାଲିବାକୁ ହେବ। ଏଥିରେ ପରିସ୍ଥିତିକୁ ହୃଦୟଙ୍ଗମ କରି ଉଭୟ ସାଲିସ କରି ସମୟ ଧାର୍ଯ୍ୟରେ କାମଫତେ କରିପାରିଲେ ସଂସାରରେ ନାମ ରହିବ ନଚେତ୍ ବଣମଲ୍ଲୀ ବଣରେ ଅନେକ ଝଡ଼ିବା ପରି ଝଡ଼ିପଡ଼ିବା ସାର ହେବ। ଦୁଇଜଣରେ ଜଣେ ସବଳ ଥିଲେ ଆଉ ଜଣଙ୍କୁ ଟେକି ନେଇ ଆଗେଇ ପାରନ୍ତି। ଯେ ସବଳ ତାଙ୍କର ଦୁଇଗୋଡରେ ସାଥି ଲୋକକୁ ଟେକି ନେଇ ଦୌଡ଼ି ପାରନ୍ତି ଚାଲି ପାରନ୍ତି। ଆମ ସଂସାର ଦୁଇଟି ପଶୁରୁ ଏକ ବିଚିତ୍ର ରକ୍ଷା ବ୍ୟବସ୍ଥାର ନ୍ୟାୟ ଦୃଶ୍ୟ। ଏକ ମାର୍ଜାରୀ ନ୍ୟାୟ ଦ୍ୱିତୀୟ ମର୍କଟୀ ନ୍ୟାୟ। ବିରାଡ଼ି ତାର ଛୁଆକୁ ଦାନ୍ତରେ ଧରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିରାପତ୍ତା ଦୃଷ୍ଟେ ବହନ କରିନିଏ। ମର୍କଟୀ ଏକ ଡାଳରୁ ସେ ଡାଳ ଝାମ୍ପ ମାରିବା ବେଳେ ବା ଅନ୍ୟତ୍ର ସ୍ଥାନାନ୍ତର ବେଳେ ତାର ଶିଶୁ ପିଲା ତାର ମାଆକୁ ପେଟତଳେ ହେଉ ବା ପିଠିରେ ଲଦି ହୋଇ ହେଉ ତାର ମିନି ହାତରେ ଜାବୁଡ଼ି ଧରିଥାଏ। ଏ ନ୍ୟାୟ ଦୃଷ୍ଟେ ଏହି ତିନିଗୋଡ ସଂସାରୀ ଦୌଡ଼ରେ ଧନବଳବାନ ହୁଅନ୍ତୁ। ସବଳ ମାନସିକ ବଳପ୍ରାପ୍ତ ହୁଅନ୍ତୁ। ଜାତି ବଳବାନ ହୋଇଥାନ୍ତୁ ବା ବିଦ୍ୟା ବଳବାନ ହୋଇଥାନ୍ତୁ। ସ୍ୱାମୀ ହେଲେ ସ୍ୱ ଜୀବନସାଥି ସ୍ତ୍ରୀଙ୍କୁ, ସ୍ତ୍ରୀ ହେଲେ ତାଙ୍କର ପ୍ରାଣପ୍ରିୟ ସାଥି ସ୍ୱାମୀଙ୍କୁ ଏମିତି ଧରି ବିପଦ କଷ୍ଟ ଆସିଲେ ଝାମ୍ପି ନେଇ ଚାଲିଲେ ବା ନିରାପତ୍ତାରେ ନେଇଚାଲିଲେ ଦାମ୍ପତ୍ୟ ଜୀବନ ଖୁବ ଖୁସିରେ ଚାଲିପାରନ୍ତା। ନଥାନ୍ତା ମାମଲା ନ ଥାନ୍ତା ଲୋକହସା ସ୍ଥିତି ବରଂ ଥାଆନ୍ତା ଅପୂର୍ବ ଦାମ୍ପତ୍ୟ ଜୀବନ। ଲୋକେ ଆଜି ପାଶ୍ଚାତ୍ୟ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇ ମିଥ୍ୟାରୋପର ସହାୟତାରେ ମାମଲାରେ ପଡ଼ି ଯୌବନ ସାରୁଛନ୍ତି। ସନ୍ତାନଙ୍କୁ ଅବହେଳା କରୁଛନ୍ତି। ଏପରି ହେବା ଭାରତୀୟ ପରମ୍ପରାରେ ପ୍ରକୃତରେ ଅନ୍ୟାୟ ପଥ। ରାଜପୁତ ରମଣୀମାନେ ସ୍ୱାମୀଙ୍କ ପାଇଁ ଛତିରେ ଛୁରୀ ଭୁଷି ବା ଜହର ବ୍ରତ କରି ମରିଛନ୍ତି ପଛେ ଅନ୍ୟ ପୁରୁଷ ମୁହଁ ଚାହିଁନାହାଁନ୍ତି। ଖୋଦ ଶ୍ରୀରାମ ଏକ ପତ୍ନୀ ବ୍ରତ ଓ ଖୋଦ ସୀତା ଏକ ସ୍ୱାମୀ ବ୍ରତ କରି ଏପରି ମାର୍ଗଦର୍ଶନ ଯାହା ଆମକୁ ସୀତାରାମ ନିଷ୍ଠେ ସ୍ମରଣ କରିବା ଦ୍ୱାରା ପୁଣ୍ୟର୍ଜନ ଫଳ ମିଳୁଛି।


+ ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୦୩୧୨୫୩


## କବିତା କୋଣାର୍କ

### ଛଳନା...

**କୁନା ସେଠୀ**



ଛଳନାରେ କିଏ ପାଏ ରାଜାସନ
ଛଳନା କାହାର ନୀତି
ଛଳନାରେ କିଏ ଲଭେ ସନମାନ
ଛଳନାରେ ଦିଏ ଭକ୍ତି ।

ବିଶ୍ୱାସକୁ କିଏ ପଦାଘାତ କରି
ଛଳନାରେ ଦିଏ ମାରି
ଛଳନାରେ ପୁଣି ଲଭେ କିଏ ଧନ
ମିଛ ସତ ଭାବ ଧରି ।

ଛଳନାରେ ନାରୀ ହୁଏ ନିର୍ଯାତିତ
ଛଳନାରେ ଭାଙ୍ଗେ ଘର
ଛଳନାରେ ପୁଣି ପୁରୁଷ ହତାଶ
ଅଧାବାଟୁ ଫେରେ ବର ।

ଛଳନାରେ କିଏ ଲଭଇ ବିଜୟ
ଛଳନାରେ ଜିତେ ଗଡ
ଛଳନାରେ ପୁଣି ଯୁଦ୍ଧ ଜୟ କରି
ଭାବଇ ନିଜକୁ ବଡ ।

ଛଳନାଟା ନୁହେଁ ଭଲ କାମ ପୁଣି
ଛଳନା ନୁହଁଇ ଧର୍ମ
ଛଳନାରେ ଯାହା ଅର୍ଜନ କରିବା
ଲୁଟିବ ମଣିଷ ଧର୍ମ ।

ଛଳନାର ଧନ ନୁହେଁ ଚିର ସ୍ଥାୟୀ
ପବନରେ ଉଡ଼ିଯିବ
ଯେତେ ବଡ ଲୋକ ହୋଇଲେ ମଧ
ତଳକୁ ସେ ଖସି ଯିବ ।

ରାବଣ ଛଳନା ଛାରଖାର କଲା
ସୁନାର ଲଙ୍କାକୁ ତାର
କୌରବ ଛଳନା ନାଶ କଲା ପୁଣି
କୌରବ ବଂଶ ଚିର ।

ଏହିପରି କେତେ ଉଦାହରଣ ଯେ
ଅଛି ଏଇ ସଂସାରରେ
ଛଳନାରେ କେବେ ଧର୍ମ ହୁଏ ନାହିଁ
ଜୀବନର ଯମୁନାରେ ।


+ ଭୂତସରସିଙ୍ଗି,ଗଞ୍ଜାମ




### କରୋନା ମହାମାରୀରୁ ରକ୍ଷା...

**ପ୍ରଦୀପ କମାର ସିଂହ**

କରୋନାରୁ ମୁକ୍ତି ପ୍ରୟୋଜନ
ଏକାନ୍ତବାସ ଓ ନିରବଚ୍ଛିନ୍ନ
ସାମାଜିକ ଦୂରତା ପରିଷ୍କାର ପରିଚ୍ଛନ
ହାତ ଧୋଇବା ପ୍ରତି ଘଣ୍ଟାଏ ବ୍ୟବଧାନ ।

ପାଟି ଆଖି ନାକର ହାତ ନ ମାରିବା
ଖାଇବା ପୂର୍ବେ ନିଷ୍ଠେ ହାତ ଧୋଇବ
ନିଜକୁ ରକ୍ଷା ବିଶ୍ୱ ସୁରକ୍ଷା
ପରିବାର ନିଶ୍ଚିତ କରୋନାରୁ ରକ୍ଷା ।

କରୋନା କୁହୁଡ଼ି ପରି ଶୂନ୍ୟକୁ ଉଠିବ
ଯିବା ଆସିବାରେ କେହି ନ ଜାଣିବ
କାହାକୁ ନ ଛୁଇଁବ
ଅଚିହ୍ନା ବ୍ୟଧି ଏହାକୁ କହିବ
ମୁଖରେ ତୁଣ୍ଡି ବାନ୍ଧିବ ।

ତୁଳସୀ ପତ୍ର ସଂଗେ ମଧୁ ଖାଇବ
ଫୁଟା ପାଣି ଛାଣି ନିତି ପିଇବ
ସୁଷମ ଖାଦ୍ୟ ନିୟମିତ ଖାଇବ
ଦିନକୁ ଅତ୍ୟନ୍ତ ଚାରିଘଣ୍ଟା ବ୍ୟବଧାନ ।

ସ୍ୱାତ୍ତକ ଆହାର ଭୋଜନ କରିବ
ଆସନ, ପ୍ରାଣାୟମ ଧ୍ୟାନ ଧାରଣା
ଦୁଇଓଳି ଅଭ୍ୟାସ ଜାରି ରଖିବ
ବିଶ୍ୱଶାନ୍ତି କରୋନା ମୁକ୍ତି ପାଇବ ।

କରୋନା ହଟେଇ ଯିବ ହଟେଇ ଯିବ
ଶାନ୍ତି ପ୍ରତିଷ୍ଠା ଫେରି ମିଳିବ
ଶାନ୍ତି ମୈତ୍ରୀ ଜୀବିକା ଅର୍ଜ୍ଜନ କରିବ
ନିଃସନ୍ଦେୟ ନିରନ୍ତର ହୋଇବ


+ ସା-ନିମପୁର, ପୋ- ଶାଳିକୋଠା
ଜି- ବାଲେଶ୍ୱର
ମୋ-୭୦୬୪୫୨୩୫୨୨


## କବିତା କୋଣାର୍କ



### କ୍ରୀତଦାସ ...

**ଅମରନାଥ ବାରିକ୍**

ସୁଖିଲା ରୁଟିକୁ ଚୋବେଇ ଦାନ୍ତରେ
ଆଖି ଲୁହ ପିଉଥାଏ ।
ପୁରା ଶରୀରକୁ ଢାଙ୍କିବା ପାଇଁକି
ଚାଂଖଣ୍ଡେ କନା ନଥାଏ ।

ପେଟର ଭୋକଟା ଦାଉ ଦାଉ ଜଳେ
ସାରା ରାତି ଅନିଦ୍ରାରେ ।
ସୁଖର ସପନ ଦେଖେ ମନ ଭରି
ଓଦା ପିତୁଳି ଆଖିରେ ।

ହସେଇବା ପାଇଁ ଛୋଟ ସଂସାରକୁ
ବଡ଼ ଘରେ କାମ କରେ ।
ଅନ୍ୟର ଗୋଲାମି କରି ଜୀବନର
ଅମୂଲ୍ୟ ସମୟ ସାରେ ।

ଟଙ୍କା କେଇଟାର ଆଶାକୁ ଜାବୁଡ଼ି
ମୁଣ୍ଡ ତା'ର ଦିଏ ବିକି ।
ଧିକ୍କାର ବିଦଗ୍ଧ ଯାତନାକୁ ସହେ
ତୁଣ୍ଡ ଭାଷା ଗର୍ଭେ ରୋକି ।

ଖାଏ ସେ ପ୍ରହାର ସାନ୍ତ୍ୱନା ପାଏନି
ନିଜକୁ ନିଏ ସମ୍ଭାଳି ।
ଘୃଣ୍ୟକୁ ସାଉଁଟି ପିୟୂଷକୁ ବାଣ୍ଟି
ହୁଏ ଜ୍ୱଳନ୍ତ ଦୀପାଳି ।


ପାଞ୍ଚ ପ୍ରାଣୀ ପେଟ କୁଟୁମ୍ବ ନିମନ୍ତେ
ଦହନକୁ କରେ ପାନ ।
କ୍ରୀତଦାସ ହୋଇ ଜୀବନ ଯୁଇରେ
ଧାସେ ବିଳାସ ବ୍ୟସନ ।


+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା ୭୫୫୦୧୧
ମୋ: ୯୫୪୦୩୦୮୦୯୫
(ନୂଆଦିଲ୍ଲୀ)









## କାର୍ତ୍ତିକ ସାଇଁ

## ରାମାୟଣ ଟୁଙ୍ଗି (୪)

# ବାଲ୍ମୀକି ଋଷିଙ୍କ ରାମାୟଣ ରଚନା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ପବିତ୍ର ଦେବୀ ନଦୀ କୂଳରେ ନରହରିପୁର ଗାଁ। ସେଇ ଗାଁର ପାଠାଗାରରେ ମିନା ଅପା ରାମାୟଣ କହୁଛନ୍ତି। ଅତି ସରଳ ଭାଷାରେ ଓ ଗଳ୍ପ ଆକାରରେ ସେ ରାମାୟଣ କଥାର ବର୍ଣ୍ଣନା କରୁଛନ୍ତି।

ସଂଧ୍ୟା ସମୟ। ରାମାୟଣ ଟୁଙ୍ଗି ଆରମ୍ଭ ହେଲା। ମିନା ଅପା ସବୁ ପିଲାଙ୍କୁ କହିଥିଲେ, ସଭା ଆରମ୍ଭରୁ ଯଦି କାହାର କିଛି ମନରେ ପ୍ରଶ୍ନ ଥିବ, ପଚାରି ଦେବ। ସେସବୁ କେବଳ ରାମାୟଣ ସଂପର୍କରେ ହେବା ଦରକାର।

ସଭା ଆରମ୍ଭ ହେବାମାତ୍ରେ ସୁକାନ୍ତି ମିନା ଅପାଙ୍କୁ ପଚାରିଲା- ଗତକାଲି ଆପଣ ରତ୍ନାକର ଦସ୍ୟୁ କିପରି ବାଲ୍ମିକୀ ହେଲେ ସେ କଥା କହିଥିଲେ। ମାତ୍ର ସେ ରାମାୟଣ ଲେଖା ଆରମ୍ଭ କିପରି କଲେ ସେ କଥା କହି ନାହାଁନ୍ତି। ଦୟାକରି ଆଜି ସେ କଥା କୁହନ୍ତୁ।

- ଠିକ୍ କଥା କହିଛୁ ସୁକାନ୍ତି। ମୁଁ ଆଜି ସେଇ କଥା କହିବାକୁ ସ୍ଥିର କରିଛି। ମିନା ଅପା ତାଙ୍କ କଥା ଆରମ୍ଭ କଲେ।

ପିଲାମାନେ, ଗୋଟେ କଥା ମୂଳରୁ କହି ଦେଉଛି। ଆମ ହିନ୍ଦୁ ଧର୍ମରେ ତିନିଜଣ ମୁଖ୍ୟ ଦେବତା ଅଛନ୍ତି। ସେମାନେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ତୁମେମାନେ ବିଦ୍ୟା ଶିକ୍ଷା ଆରମ୍ଭ କଲାବେଳେ ସିଲଟରେ ତିନୋଟି ମୁଣ୍ଡଳି ବୁଲାଅ ସେ ମୁଣ୍ଡଳି ବୁଲାଇବା ଅତି ସହଜ। ମୁଣ୍ଡଳି ବୁଲାଇଲା ବେଳେ କୁହ- ବ୍ରହ୍ମା, ବିଷ୍ଣୁ, ମହେଶ୍ୱର। ବ୍ରହ୍ମା ସୃଷ୍ଟିର ରଚନା କରନ୍ତି। ବିଷ୍ଣୁ ପାଳନ କରନ୍ତି ଓ ଶିବ ଆବଶ୍ୟକ ପଡ଼ିଲେ ତାର ଧ୍ୱଂସ କରନ୍ତି। ଆମ ଜୀବନ ଚକ୍ରରେ ଜନ୍ମ, ମଧ୍ୟଭାଗ ଓ ମୃତ୍ୟୁ ପରି ଏକଥା। ନାରଦ ହେଉଛନ୍ତି ଦେବର୍ଷି ଓ ମହାଜ୍ଞାନୀ। ସେ ନାରାୟଣଙ୍କର ବି ଭକ୍ତ।

ରତ୍ନାକର ଦସ୍ୟୁଙ୍କୁ ବ୍ରହ୍ମା ବାଲ୍ମୀକି ହେବାରେ ସାହାଯ୍ୟ କଲେ କାରଣ ସେ ଜାଣିଥିଲେ, ବାଲ୍ମୀକିଙ୍କ ଦ୍ୱାରା ରାମାୟଣ ଲେଖା ହେବ।

ବାଲ୍ମୀକି ତମସା ନଦୀ କୂଳରେ ତାଙ୍କ ଆଶ୍ରମ ପ୍ରତିଷ୍ଠା କଲେ ଓ ସେଠାରେ ତପସ୍ୟା କଲେ। ଥରେ ଦେବର୍ଷି ନାରଦ ତାଙ୍କ ଆଶ୍ରମ ଆଡ଼େ ବୁଲିବାକୁ ଆସିଲେ। ବାଲ୍ମୀକି ଋଷି ବହୁତ ଖୁସି ହେଲେ ଓ ତାଙ୍କ ଉପଯୁକ୍ତ ସତ୍କାର କଲେ। ଅତି ବିନୟ ଭାବରେ ବାଲ୍ମୀକି ଋଷି ନାରଦଙ୍କୁ ପଚାରିଲେ- ହେ ଦେବର୍ଷି, ଯେଉଁ ରାମ ନାମ ଜପ କରି ମୋର ପରିବର୍ତ୍ତନ ହେଲା, ସେ ରାମଙ୍କ ସଂପର୍କରେ ଗୋଟେ କୁହନ୍ତୁ।

ବାଲ୍ମୀକଙ୍କ କଥାରେ ନାରଦ ମୁନି ବହୁତ ଖୁସି ହେଲେ ଓ ରାମାୟଣର ସଂପୂର୍ଣ୍ଣ କଥାବସ୍ତୁ ବାଲ୍ମୀକିଙ୍କୁ କହିଥିଲେ। ପୁରାଣ ଅନୁସାରେ ନାରଦ ହିଁ ପ୍ରଥମେ ରାମାୟଣ କଥା କହିଥିଲେ। ତେବେ ସୁକାନ୍ତି ଯେଉଁ କଥା ପଚାରିଲା ମୁଁ ସେ ସଂପର୍କରେ କହୁଛି।

ଥରେ ବାଲ୍ମୀକି ଋଷି ତମସା ନଦୀରେ ସ୍ନାନ କରିବାକୁ ଯାଇଥିଲେ। ବନସ୍ତରେ ଗଲାବେଳେ ସେ ଗୋଟେ ବୃକ୍ଷ ଡାଳରେ ଦୁଇଟି କ୍ରୌଂଚ ପକ୍ଷୀଙ୍କୁ ଦେଖିଲେ। ପକ୍ଷୀ ଦୁଇଟି ଅତ୍ୟନ୍ତ ପ୍ରେମ ଭାବରେ ପରସ୍ପର ସହିତ କଥା ହେଉଥିଲେ। ଏହି ସମୟରେ ସେଠାରେ ଏକ ଶବର ପହଚିଂଥିଲା ଓ ସେ ପକ୍ଷୀଙ୍କ ଆଡ଼େ ତୀର ମାରିଲା। ସେହି ତୀର ଏକ ପକ୍ଷୀର ଶରୀରରେ ବାଜିଲା ଓ ପକ୍ଷୀଟି ତଳେ ପଡ଼ି ଗଲା। ଅଳ୍ପ ସମୟରେ ତାର ପ୍ରାଣବାୟୁ ଉଡ଼ିଗଲା। ଏ ସବୁ କଥା ବାଲ୍ମୀକିଙ୍କ ଆଗରେ ଘଟିଗଲା। ଋଷିଙ୍କ ହୃଦୟ ଦୟାରେ ବିଚଳିତ ହୋଇ ଉଠିଲା ଓ ସେ ଶୋକାକୁଳ ହୋଇ ଗୋଟିଏ ଶ୍ଳୋକ ବୋଲିଲେ ଯା ସ୍ୱତଃସ୍ଫୁର୍ତ୍ତ ଭାବରେ ତାଙ୍କ ମୁଖରୁ ବାହାରିଗଲା। ସେ ଶ୍ଳୋକଟି ଥିଲା:

"ମା ନିଷାଦ ପ୍ରତିଷ୍ଠାଂ ତ୍ୱମଗମଃ
ଶାଶ୍ୱତୀଃ ସମାଃ..
ଯତ୍ କ୍ରୌଂଚମିଥୁନାଦେକମ୍
ଆବଧୀଃ କାମ ମୋହିତମ୍ ।"

ଏହାର ଅର୍ଥ - ହେ ଶବର, ଅନନ୍ତକାଳ ପର୍ଯ୍ୟନ୍ତ ତୁମେ ଶାନ୍ତି ପାଇ ପାରିବନି କାରଣ ନିହାତି ନୀରିହ ଓ ପ୍ରେମରେ ମତ୍ତ ଥିବା ପକ୍ଷୀକୁ ଅଯଥାରେ ତୁମେ ହତ୍ୟା କଲ।

ଦୁଃଖ ଓ ରାଗରେ ଶବରକୁ ଅଭିଶାପ ଦେଉ ଦେଉ ଯେଉଁ ଶ୍ଳୋକଟି ତାଙ୍କ ମୁଖରୁ ନିସୃତ ହେଲା ତାହା ରାମାୟଣର ପ୍ରଥମ ଶ୍ଳୋକ ହେଲା।

ବାଲ୍ମୀକି ଦୁଃଖରେ ଥାଆନ୍ତି। ବ୍ରହ୍ମା ଜାଣିଛନ୍ତି। ବାଲ୍ମୀକି ହିଁ ପବିତ୍ର ରାମାୟଣ ଗ୍ରନ୍ଥର ରଚନା କରିବେ। ତେଣୁ ସେ ଥରେ ତମସା ନଦୀ କୂଳରେ ଥିବା ବାଲ୍ମୀକିଙ୍କ ଆଶ୍ରମକୁ ଆସିଲେ। ବାଲ୍ମୀକି ଋଷି ତାଙ୍କର ଯଥା ମାନ୍ୟ କଲେ ଓ ତାଙ୍କ ଆସନରେ ବସାଇଲେ।

ବାଲ୍ମୀକିଙ୍କୁ ଦୁଃଖରେ ଥିବାର ଦେଖିଲେ ଓ ବ୍ରହ୍ମା ଓ ସେ ତାହାର କାରଣ ପଚାରିଲେ। ବାଲ୍ମୀକି ସଂଗେ ସଂଗେ କ୍ରୌଂଚ ପକ୍ଷୀର ମୃତ୍ୟୁ କଥା କହିଲେ ଓ ରାଗରେ ଦେଇଥିବା ଅଭିଶାପ କଥା କହିଲେ।

ତୁମେ ଦୁଃଖ କରନାହିଁ। ଏହିପରି ହେବାର ଥିଲା। ତୁମେ ଦୁଃଖ ଓ ରାଗରେ ଦେଇଥିବ। ଅଭିଶାପ ଏକ ଶ୍ଳୋକ ଓ ଏହା ରାମାୟଣର ପ୍ରଥମ ଶ୍ଳୋକ ହେବ। ଏବେ ରାମାୟଣ ଲେଖିବାର ସମୟ ଉପଗତ। ତେଣୁ ତୁମେ ତାକୁ ଲେଖିବା ଆରମ୍ଭ କର। ଏତିକି କହିବ ବ୍ରହ୍ମା ବ୍ରହ୍ମ ଲୋକକୁ ଚାଲିଗଲେ।

ପିଲାମାନେ, ବାଲ୍ମୀକି ରାମାୟଣ ଲେଖିବାକୁ ବ୍ରହ୍ମାଙ୍କଠାରୁ ଅନୁମତି ଓ ଆଶୀର୍ବାଦ ପାଇଲେ ଓ କାଳବିଳମ୍ବ ନକରି ରାମାୟଣ ଲେଖା ଆରମ୍ଭ କଲେ। ମହାପ୍ରଭୁ ଶ୍ରୀରାମଚନ୍ଦ୍ର ମହାରାଜା ଦଶରଥଙ୍କ ପୁତ୍ର ଥିଲେ ଓ ସେମାନେ ସୂର୍ଯ୍ୟବଂଶୀ ରାଜା ଥିଲେ। ରାମାୟଣର କଥାବସ୍ତୁ ଜାଣିବା ଆଗରୁ ଆମେ ପ୍ରଥମେ ସୂର୍ଯ୍ୟବଂଶର କେତେଜଣ ମହାନ ରାଜାଙ୍କ କଥା ଜାଣିବା। ତାପରେ ମହାରାଜା ଦଶରଥ ଓ ରାମଙ୍କ କଥା ଶୁଣିବା।

ତମେମାନେ ସବୁ କଥା ବୁଝି ପାରୁଛ ତ? ମିନା ଅପାଙ୍କ କଥାରେ ସବୁ ପିଲା ବଡ଼ ପାଟିରେ କହିଲେ- "ହଁ ଅପା।" ତାପରେ ସଭା ସାଂଗ ହେଲା।

(କ୍ରମଶଃ)

+ମୋ: ୯୯୮୦୩୦୦୭୫୧

## କବିତା ତୁମ ପାଇଁ



## ଚାରାଟି ଯାଅ ପୋତି

### ମହେନ୍ଦ୍ର କୁମାର ଘଡ଼େଇ

ବିକଳ ମନ ପରାଣ ଆଜି
ଅମଳଯାନକୁ ହୁଏ ଖୋଜି
କିଏରେ ଆଣି ଦେବ
ରୋଗ ନିଦାନ କରି ତହିଁରେ
ସୁଖ ଅରଜୁ ଥିବ?

ଅମଳଯାନେ ନେଇ ପ୍ରଶ୍ୱାସ
ଅଙ୍ଗାରକାମ୍ଳ ଦେଇ ନିଶ୍ୱାସ
ସତେଜ କରି ହିଆ
ସଂସାର ନାବ ବାହି ନେବାକୁ
ଟାଣରେ ହେବ ଠିଆ।

ନିଜ ସୁଖରେ କାଟିଛି ଗଛ
ଲଗାଇ ନାହିଁ ପଛକୁ ପଛ
ଆଣିଛି ଡାକି ଦୁଃଖ
ବିଷାଦ ଭରା ଜୀବନେ ତା'ର
ବଳି ପକାଏ ସୁଖ।

ଅମଳ ଛାଡ଼ି କିଣିବ କେତେ
କିଣାରେ ପେଟ ପୂରେ କି ସତେ
କାମରେ ଯାଅ ମାତି
ବାଡ଼ି ବଗିଚା ହୁଡ଼ା ପଠାରେ
ଚାରାଟି ଯାଅ ପୋତି।

ହସିବ ମହୀ ବଢ଼ିଲେ ଚାରା
ପବନ ମେଘ ଛୁଇଁବ ଧରା
ରୋଗକୁ ନାଶ କରି
ଅଚଳାଚଳ ଧନ ରତନ
ଆଣିବ ସାଥେ ଧରି।

+କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା
ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ
ମୋ: ୯୪୩୭୭୪୦୫୬୬

## ଠିକ୍ ସମୟ

### ସୁଧାଂଶୁ ଶେଖର ଦ୍ୱିବେଦୀ





ଠିକ୍ ସମୟରେ ସୂରୁଜ ଉଠନ୍ତି
ଅଳସୁଆ କେବେ ହୁଅନ୍ତି ନାହିଁ,
ସାରା ଦୁନିଆରେ ବିକିରଣ ବିଂଚି
ଆଲୋକରେ ଭରି ଦିଅନ୍ତି ମହି।

ଚଢ଼େଇ ବି ଉଠେ ବିନା ଡାକରାରେ
କେବେ ବି କରେନି ଜୀବନେ ମଠ,
କେହି କହେନାହିଁ ତାଆ କାନ ପାଖେ
ସକାଳ ହେଲାଣି ସଅଳ ଉଠ।

କୁକୁର, କୁକୁଡ଼ା ଯେତେସବୁ ଜୀବ
ଆପେ ଆପେ ସିଏ ଉଠି ପଡ଼ନ୍ତି,
ଠିକ୍ ସମୟରେ ଉଠିବା ସକାଶେ
ଆଲାରାମ କଣ କେବେ ଲୋଡ଼ନ୍ତି?

ଛୋଟ ଛୋଟ ତୁମେ ଯେତକ ପିଲାଏ
ନିଜେ ଉଠିବାକୁ ସଜାଗ ହୁଅ,
ନିଜର କାମକୁ ନିଜେ କରିଯାଅ
ଅଳସ ପଣିଆ ଦୂରେଇ ଦିଅ।

ବ୍ରହ୍ମ ମୁହୂର୍ତ୍ତରେ ଉଠୁଥିବା ପିଲା
ଦିନସାରା ଖୁସି ପାଏ ସିଏ
ପାଠପଢ଼ା ସଙ୍ଗେ ନିଜ କାମ କରି
ଭଲ ପିଲା ରୂପେ ଗଣା ହୁଏ।

+ଯୋଗ ଫର ଲାଇଫ୍
ବିସି-୭୪, ସେକ୍ଟର-୧
ସଲଟ୍ ଲେକ, କଲକତା- ୭୦୦୦୬୪
ମୋ: ୯୬୮୧୩୭୩୫୧୨

## ଗୁଡ଼ିରେ ଗୁଡ଼ି

### ପ୍ରଶାନ୍ତ କୁମାର ରାଉଳ





ଗୁଡ଼ିରେ ଗୁଡ଼ି ଗୁଡ଼ି
ଆକାଶେ ଯାଆ ଉଡ଼ି
ମୋ କଥା ମାନି ନାଚିବୁ ତୁହି
ହାତେ ଧରିଛି ଦଉଡ଼ି।

ତୋ ମନ ଇଚ୍ଛା କରିବୁ ଖେଳ
ବୁଲିବା ପାଇଁ କାହିଁ ମୋ ବେଳ,
ପଢ଼ନ୍ତୁ ଯେବେ ମୋ ପାଠ ଥରେ
ପଥ ଯାଆନ୍ତୁ ହୁଡ଼ି।

ଆମର ଏଠି ଦେଶଟି ସାରା
ସର୍ବଶିକ୍ଷା ଚାଲିଛି ପରା,
ପାଠ ମହତ ଜାଣି ପିଲାଏଁ
ପଢ଼ନ୍ତି ବହି ଖୋଲି।

ପଢ଼ାରେ ମୋର ଆଦର ଭାରି,
ବୁଝିଛୁ ପାଠ କି ଦରକାରୀ
ପଢୁଛି ପାଠ, ଦେଶୁଁ ଅନୀତି
ଅନ୍ଧାର ଦେବି ତଡ଼ି।

+ଭଂଜ କଲୋନୀ, ଜଳେଶ୍ୱର
ବାଲେଶ୍ୱର-୩୨
ମୋ: ୮୧୪୪୮୬୪୫୮୪

## ବିବେକ ପଣ

### ପୀତାମ୍ବର ଦାସ



ଧନ ନଥାଏ ଯାହାର ପାଶେ
ଗରିବ କହିଥାଉ
ସ୍ୱାସ୍ଥ୍ୟ ନଥିଲେ ଲୋକ ଗରିବ
ମନରେ ଏହା ରହୁ।

ଗରିବକୁ ତ ସାହାଯ୍ୟ କର
ଦେଇ ଧନ ଦରବ
ଧନ ହେଉଛି ସମବେଦନା
ଅମୂଲ୍ୟ ବଇଭବ।

ସ୍ନେହ ଶରଧା ଚିକିତ୍ସାପଣେ
କରିବା ତାର ସେବା
ମଣିଷ ହୋଇ ମାନବିକତା
ହୃଦେ ଜଗାଇ ଦେବା।



ରୋଗୀ ଶୋଷଣ କରିବା ନାହିଁ
ସମ୍ମାନ ହେବ ହାନୀ
ବିବେକ ପଣ ସବୁଠୁଁ ବଡ଼
ହୋଇବା ଗୁଣୀ ଜ୍ଞାନୀ।


ହସିବା ଆମେ ସମାଜ ହିତେ
କରି ମହତ କାମ
ସବୁରି ପ୍ରାଣେ ଭରିଲେ ସୁଖ
ଉଜ୍ଜ୍ୱଳ ହେବ ନାମ।

+ପ୍ରଶାସନିକ ଅଧିକାରୀ,
ଏଲ.ଆଇ.ସି, ଜଳେଶ୍ୱର
ମୋ: ୯୪୩୭୩୪୮୭୯୧

## ପିଲାଙ୍କ ଉପନ୍ୟାସ : ଭାଗ-୧୧

# ପାଗଳାବାବାଙ୍କ ଟାଇମ୍ ମେସିନ୍

### ପୀତାମ୍ବରୀ ଦାଶ




(ପୂର୍ବ ପ୍ରକାଶିତ ଉତ୍ତାରୁ)

ରୋଷେୟା ଦିନକୁ ଦୁଇଥର ଖାଦ୍ୟ ନେଇ ସେଠାକୁ ଯାଏ । ଖାଲି ଟିଫିନ୍ ଆଣେ । ବେଳେବେଳେ ଟିଫିନରେ ସେମିତି ଖାଦ୍ୟ ଥାଏ ସେ ଫେରାଇ ଆଣେ । କୋଠା ମଧ୍ୟକୁ ପ୍ରବେଶ କରି ମାଲିକକୁ ପଚାରିବାର ସାହସ ତା'ର ନାହିଁ । ପଚାରିବ ବା କେମିତି । ଭିତରକୁ ପ୍ରବେଶ କରିବାର ବାଟ ତ ସେ ଜାଣିପାରେନା । ଚାରିପଟ ଖାଲି କାନ୍ଥ ଦିଶେ । ସେହି କାନ୍ଥ ହଟାଇ ପାଗଳାବାବା ପଦାକୁ ଆସିବାର ଜଣେ ଅଧେ କେହି ଦେଖିଛନ୍ତି । ଯିଏ ଦେଖିଚି ସେ ଭାବେ ମନ୍ତ୍ର ବଳରେ ଏ ସବୁ ବୋଧେ ହେଉଛି ଆଉ କିଏ କହେ ନା ଏଇଟା ରିମୋର୍ଟ କଂଟ୍ରୋଲ କାନ୍ଥ। ରିମୋର୍ଟ ସୁଇଚ୍ ଟିପିଲେ କାନ୍ଥ ଖୋଲୁଛି ଆଉ ବନ୍ଦ ହେଉଛି । ଯାହା ବି ହଉ ଦ୍ୱିତୀୟ ଗେଟ୍ ଡେଇଁ ଯିବାକୁ କାହାକୁ ଅନୁମତି ନାହିଁ ।

ପ୍ରଥମ ପ୍ରବେଶ ପଥ ପରେ ଥିବା କ୍ୱାର୍ଟରଗୁଡିକୁ ଲାଗି ଏକ ବଡ ଅଫିସ୍ ଅଛି । ମନୀଷର ମାମୁ ସଂଗ୍ରାମବାବୁ ଯେତେଥର ଆସନ୍ତି ଶୈଳେଶବାବୁ ତାଙ୍କୁ ସେଇଠି ହିଁ ଦେଖା କରନ୍ତି । ନିଜ ପ୍ରିୟ ସହପାଠୀଙ୍କୁ ମଧ୍ୟ ଗବେଷଣାଗାରକୁ ନିଅନ୍ତି ନାହିଁ । ମନୀଷ ଚାଲିଛି ସେହି ବିଶାଳକାୟ କୋଠାର କଡେକଡେ । ଦୂରରୁ ସୋମୁ ଆଉ ତାକୁ ଦେଖି ପାରିନି । ଭିତରର ଖାଁ ଖାଁ ପରିବେଶ ତା ମନରେ ଭୟ ସୃଷ୍ଟି କରୁଛି । ବଡ ପାଟି ବି କରିପାରିବନି । ଡରିଡରି ସେ ବି କୋଠା କଡେକଡେ ଚାଲିଲା । ଦୁହେଁ ଗେଟ୍‌ଠାରୁ ଅନେକ ଦୂରକୁ ଚାଲି ଯାଇଥିଲେ । ସେମାନଙ୍କୁ ଆଉ କେହି ଦେଖି ପାରୁନଥିଲେ । ମନୀଷ ଚାଲୁଚାଲୁ ଥମ୍ ହେଇ ଠିଆ ହେଲା । ଭାବିଲା ...ଆରେ ମୁଁ କେଉଁଠି ଆସି ପହଂଚିଲେଣି ! ଏ ଜାଗାକୁ ତ ମୁଁ କେବେ ଆସିନି !! କେଉଁ ଜାଗା ଏ ...!!! ସେ ଯେଉଁଠି ଠିଆହୋଇଥିଲା ସେଠି କୋଠାର କାନ୍ଥରେ ଘର କବାଟ ପରି ଏକ ବିରାଟ ଝରକା ଦେଖିଲା ମନୀଷ ଥିଲା ନିର୍ଭୀକ ଆଉ ଜିଜ୍ଞାସୁ ମନୋଭାବର ପିଲା । ଭୟ ନ କରି ଝରକା ପାଖକୁ ଗଲା । ଝରକାଟା କାଚର ଥିଲା; ମାତ୍ର ଭିତର ଦୃଶ୍ୟ ସବୁ ସେ ସ୍ୱଷ୍ଟ ଦେଖିପାରୁନଥିଲା । କାରଣ ଝରକାଟା ଢେର୍ ଉଚ୍ଚରେ ଥିଲା । ଝରକା କଡକୁ ଯାଇ ଉହୁଁକି ଭିତରକୁ ଦେଖିବାର ଚେଷ୍ଟା କଲା ସେ । ସେ ନିଶ୍ଚିତ ହେଲା ଯେ ଭିତରେ କେହି ନାହାନ୍ତି । ତା'ପରେ ସେ ଗୋଡ ଆଙ୍ଗୁଠି ଅଗରେ ଠିଆହୋଇ ଉହୁଁକି ଚାହିଁଲା ଭିତରକୁ । କେତେ ପ୍ରକାର ବିରାଟକାୟ ଘଂଟା କାନ୍ଥରେ ସଜା ହୋଇଥିଲା । ଗୋଟେ ଅଦ୍ଭୁତ ପ୍ରକାର ଯାନର କିଛି ଅଂଶ ଦିଶୁଥିଲା ତାକୁ । ସମ୍ପୂର୍ଣ୍ଣ ଯାନଟିକୁ ସେ ଦେଖିପାରୁନଥିଲା । ଘର ଭିତରକୁ ଯାଇ ସବୁ କିଛି ଦେଖିବାକୁ ତା'ର ଭାରି ଇଚ୍ଛା ହେଲା । ସେ ଚାରିଆଡକୁ ନିରୀକ୍ଷଣ କଲା । ଭିତରକୁ ଯିବାର କୋଣସି ବାଟ ନାହିଁ । କୋଠାକୁ ଲାଗିଥିବା ପାଚେରି ଖୁବ୍ ଦୂରରେ ଅଛି । ତାହାପୁଣି କୋଠାଠାରୁ ଯଥେଷ୍ଟ ଉଚ୍ଚ । ସେ ନିଶ୍ଚିତ ହେଲା ଯେ ତାକୁ କେହି ଦେଖି ପାରୁନାହାନ୍ତି । ଏବେ ସେ ଜାଣିଲା ଏଇଟା ସେଇ ଗବେଷଣାଗାର ; ଯେଉଁଠି ପାଗଳାବାବା ସର୍ବଦା ଗବେଷଣା କରନ୍ତି । ତା'ଅନୁମାନ ଠିକ୍ । ପାଗଳାବାବା ନଥିବାରୁ ତାଙ୍କ କର୍ମଚାରୀ ମାନେ ବି କାର୍ଯ୍ୟରେ ଢିଲା ମାରିଛନ୍ତି । ଏମିତି ବି ଗବେଷଣାଗାର ପଥର ଦରଓାନ ବି ତାଙ୍କ ଡିଉଟିରେ ନାହାଁନ୍ତି । ମନେମନେ ଖୁବ୍ ଖୁସି ହେଲା ମନୀଷ । ତା'ବିଦ୍ୟାଳୟରେ ତା' ସହ ଘଟିଥିବା ଅଘଟଣକୁ କ୍ଷଣିକରେ ଭୁଲିଗଲା ।

ଝରକାର ଚାରିପାଖେ ଗଭୀର ଭାବରେ ନିରୀକ୍ଷଣ କଲା । ଆଖି ବୁଜି ଚିନ୍ତାକଲା କେମିତି ଏହାକୁ ଖୋଲିବ ଆଉ ଭିତରେ ପ୍ରବେଶ କରିବ । ପାଗଳବାବାଙ୍କ ଗୋପନୀୟ ଗବେଷଣା ତା' ମନରେ କୌତୂହଳ ସୃଷ୍ଟି କଲା । ଝରକା ଖୋଲିବାକୁ ସେ ନିଜର ସବୁ ବୁଦ୍ଧିବଳ ଖଟାଇଲା । ଦେଖିଲା ଝରକା କଡରେ ନଟ୍‌ସବୁ ଭିଡାଯାଇଛି । ନଟ୍ ଢିଲା ଅଛି ନା ଟାଇଟ୍ ଅଛି ପରୀକ୍ଷା କଲା ।

ହେଲେ ଏ କଣ ! ଝରକା ତ ଟେକି ହେଇ ଯାଉଛି... !! ତାଙ୍କ ଗାଡି ଘର ସଟର ପରି...!!! ଏଇଟା ବୋଧେ ଖୋଲା ଅଛି ଖୁସିରେ ମନୀଷ ମନ ନାଚିଗଲା । ଝରକା ଉପରେ ଚଢିବାକୁ ସେ ନିଜର ଚେଷ୍ଟା ଚଳାଇଲା

ଏତିକି ବେଳେ ତାକୁ ଖୋଜିଖୋଜି ସୋମୁ ଆସି ସେଠାରେ ପହଂଚିଗଲା ।


(କ୍ରମଶଃ)

+ପୁରୋହିତପୁର, ଜଗତସିଂହପୁର
ମୋ:୯୭୭୮୫୨୦୩୭୦



## ସୁବ୍ରତ ମଲିକ

# ବିଲୁଆ ଭାଇ ପାନେ ପାଇଲା



ଗାଁ ଟିଏ ଅଛି, ଯାହାର ନାମ ନରହରିପୁର। ସେହି ଗାଁର ଶେଷ ମୁଣ୍ଡରେ ପାକି ବୁଢ଼ୀର ଘର। ବୟସ ତିନି କୋଡ଼ିରୁ ଟିକେ ଅଧିକ ହେବ। ପରିବାର କହିଲେ ତା'କୁ ଓ ସେ ପାଳିଥିବା କିଛି କୁକୁଡ଼ା ଓ ଛେଳି ଛୁଆ ଆଦିକୁ ହିଁ ବୁଝାଏ। ତା'ର ସ୍ୱାମୀ କେଉଁ ଏକ ଅଜଣା ରୋଗର ଶିକାର ହୋଇ କେତେ କାଳରୁ ଆର ପାରିରେ। ପିଲା ଝିଲା କେହି ନାହାଁନ୍ତି। ପାଳିଥିବା କୁକୁଡ଼ାଗୁଡାକ ଅଣ୍ଡା ଦେଲେ ସେ ତାକୁ ଅତି ଯତ୍ନରେ ଚାଉଳ ହାଣ୍ଡିରେ ରଖେ। ଗାଁ ଲୋକମାନେ ଅଣ୍ଡା କିଣିବାକୁ ଚାହିଁଲେ ତା ଘରକୁ ଆସି ନେଇଯାଆନ୍ତି। ଆଉ ଛେଳି ଛୁଆଗୁଡିକ ବଡ଼ ହେଲେ ଅନ୍ୟ ଗାଁରୁ ଚମାରମାନେ ତା'କୁ ଖୋଜି ଖୋଜି ତା ଘର ଆଗେ ହାଜର ହୋଇଯା'ନ୍ତି। ଏହିଥିରୁ ଯେଉଁ ଦି' ପଇସା ରୋଜଗାର ହୁଏ ସେହିଥିରେ ସେ ବର୍ଷ ସାରା କଷ୍ଟ ମଷ୍ଟେ ଚଳେ।

ପାକି ବୁଢ଼ୀ ସକାଳ ହେଲା କ୍ଷଣି ଭାଡ଼ିରୁ କୁକୁଡ଼ାଗୁଡାକୁ କାଢ଼ିଦିଏ ଓ ଟିକେ ଖରା ଆସିବା ପରେ ଗୁହାଳରୁ ଛେଳିଗୁଡିକୁ ନେଇ ପାଖ ପଡ଼ିଆରେ ଚରିବା ପାଇଁ ଛାଡ଼ି ଦେଇ ଆସେ । ପେଟ ଭରି ଖାଇ ସାରି କୁକୁଡ଼ା ଓ ଛେଳିଗୁଡାକ ନିଜେ ନିଜେ ସଞ୍ଜ ହେବା ଆଗରୁ ସୁନା ପିଲା ପରି ବୁଢ଼ୀ ଘର ଆଗରେ ହାଜର ହୋଇଯାଆନ୍ତି। ପାକି ବୁଢ଼ୀ ସେମାନଙ୍କୁ ଗଣି ସାରି ରଖିଦିଏ। ପଶୁପକ୍ଷୀ ହେଲେ ବି ଏକୁଟିଆ ବୁଢ଼ୀର ଦୁଃଖ ଜାଣି ପାରନ୍ତି ବୋଧେ। ବର୍ଷା ଦିନ ଆରମ୍ଭ ହେଲାଣି। ଲଗାଣ ବର୍ଷା ଯୋଗୁଁ ବିଲୁଆ ଭାଇ ରହୁଥିବା ଗାଁ ମଶାଣୀ ପାଖ ଗାତରେ ପାଣି ପଶିଗଲା। ତେଣୁ ସେ ଆଉ କିଛି ଉପାୟ ନ ପାଇଁ ସେହି ଗାଁ ଶେଷ ମୁଣ୍ଡଠାରୁ ଟିକେ ଦୂରରେ ଅପେକ୍ଷାକୃତ ଉଚ୍ଚ ସ୍ଥାନରେ ଥିବା ଏକ ଝଙ୍କାଳିଆ ବୁଦା ପାଖରେ ଆଶ୍ରୟ ନେଲା। କିଛି ଦିନ ପରେ ବର୍ଷାର ପ୍ରକୋପ କମିଯାଇ ପାଗ ଟିକେ ଶୁଖିଲା ହେଲାରୁ ସେ ଖାଦ୍ୟ ଖୋଜିବାକୁ ବାହାରିଲା। ଅଳ୍ପ ବାଟ ଗଲା ପରେ ଦେଖିଲା କୁକୁଡ଼ାଗୁଡାକ ପଡ଼ିଆରେ ବୁଲି ବୁଲି ପୋକ ଜୋକ ଖାଉଛନ୍ତି। ସେହି ପଡ଼ିଆର ଅନ୍ୟ ପଟରେ କିଛି ଛେଳି ଚରୁଛନ୍ତି। ଭଲ ଭାବେ ସେ ଚାରି ଆଡ଼େ ଆଖି ବୁଲାଇ ଆଣିଲାରୁ ଜାଣିପାରିଲା ଯେ ନଜର ରଖିବାକୁ ଜଣେ ମଣିଷ ଏଠାରେ ନାହିଁ। ତେଣୁ ସେ ଆରାମରେ ନିଜ ପାଇଁ ଖାଦ୍ୟ ଯୋଗାଡ଼ କରିପାରିବ ବୋଲି ଭାବିଲା।

ନିଜକୁ ନିଜ ଏମିତି କହି ସାରି ବିଲୁଆ ଭାଇ ଅତର୍କିତ ଭାବେ ସେହି କୁକୁଡ଼ାମାନଙ୍କ ଉପରକୁ ଆକ୍ରମଣ କଲା ଓ ସେମାନଙ୍କ ଭିତରୁ ଦୁଇ ତିନୋଟିକୁ ଅତି ସହଜରେ ଧରି ନେଇ ବୁଦା ମୂଳକୁ ପଳାଇଲା। ଭୋକିଲା ପେଟକୁ ଶାନ୍ତ କରି ଭାବିବାକୁ ଲାଗିଲା ମୋତେ ଯଦି ଏଠି ଏମିତି ଅଳ୍ପ ପରିଶ୍ରମରେ ସବୁଦିନ ପେଟ ପୁରା ଖାଇବା ମିଳିଯିବ ତେବେ ମୁଁ ଆଉ କଣ ପାଇଁ ସେ ମଶାଣୀ ପଦା ପାଖରେ ରହିବି। ଯେଉଁଠାରେ ଖାଲି ମଲା ମାଂସ ଓ ହାଡ଼ ଛଡା କିଛି ମିଳେନି। ତାହାଠାରୁ ଭଲ ମୁଁ ଏହି ବୁଦା ମୂଳେ ସବୁଦିନ ପାଇଁ ରହିଯିବି ଏବଂ ସୁଯୋଗ ଦେଖି ଏଠାକୁ ଆସି ଶିକାର କରିବି।

ଏହିପରି କିଛି ଦିନ ବିତିଗଲା। ପାକି ବୁଢ଼ୀ କୁକୁଡ଼ାମାନଙ୍କୁ ସଞ୍ଜ ବେଳେ ଭାଡ଼ିରେ ରଖିବାକୁ ଗଣିବା ସମୟରେ ଜାଣିପାରିଲା ଯେ କେହି ପ୍ରତିଦିନ ସେମାନଙ୍କର ଶିକାର କରୁଛି। ତେଣୁ ଦିନେ ସେ ପ୍ରକୃତ କଥା ଜାଣିବା ପାଇଁ ସେହି ପଡ଼ିଆଠାରୁ ଅଳ୍ପ ଦୂରରେ ଛକି ରହିଲା। କିଛି ସମୟ ପରେ ଦେଖିଲା ବୁଦାମୂଳରୁ ବିଲୁଆଟିଏ ଛପି ଛପି ଆସି ପଡ଼ିଆରେ ଚରୁଥିବା କୁକୁଡ଼ାମାନଙ୍କୁ ଉପରକୁ ଆକ୍ରମଣ କରୁଛି ଏବଂ ଯିଏ ଧରାପଡୁଛି ତା'କୁ ନିଜ ସାଙ୍ଗରେ ନେଇ ସେହି ବୁଦାମୂଳକୁ ପଶିଯାଉଛି। ଏହା ପରେ ପାକି ବୁଢ଼ୀ ନିଜ ଘରକୁ ଫେରି ଆସିଲା। ବିଲୁଆକୁ ଭଲ କରି ପାନେ ଦେବା ପାଇଁ ଗଭୀର ଚିନ୍ତା କଲା। ସେ ସ୍ଥିର କଲା ଯେ ଏଥିପାଇଁ ପାଖ ଗାଁରେ ତୀର ମାରିବାରେ ଧୁରନ୍ଧର ଥିବା ମୁଣ୍ଡା ଭାଇର ସାହାଯ୍ୟ ନେବ।

ସକାଳ ହେଲାରୁ ସେ ମୁଣ୍ଡା ଭାଇକୁ ନିଜ ପାଖକୁ ଆସିବାର ଖବର ପଠେଇଦେଲା। କିଛି ସମୟ ପରେ ମୁଣ୍ଡା ଭାଇ ଆସି ହାଜିର ହୋଇଯିବାରୁ ପାକି ବୁଢ଼ୀ ତାକୁ ସବୁ କଥା ଗୋଟି ଗୋଟି କରି କହିଦେଲା। ଦୁହେଁ ନିଷ୍ପତ୍ତି ନେଲେ ଆଜି ଖରାବେଳ ସମୟରେ ବିଲୁଆଟି ଯେବେ କୁକୁଡ଼ାମାନଙ୍କୁ ଧରିବାକୁ ଉଦ୍ୟମ କରିବ ସେତିକିବେଳେ ଆଗରୁ ସେଠାରୁ ଅଳ୍ପ ଦୂରରେ ଲୁଚିକରିଥିବା ମୁଣ୍ଡା ଭାଇ ତା' ଉପରକୁ ତୀର ମାରିଦେବେ। ଫଳରେ ବିଲୁଆଟି ସେହିଠାରେ ଟଳି ପଡ଼ିବ। ଖରାବେଳ ହେବାରୁ ଦୁହେଁ ସେହି ପଡ଼ିଆ ପାଖକୁ ଯାଇ ଛପି ରହିଲେ। ପୂର୍ବପରି ବିଲୁଆଟି ଚାରି ଆଡ଼େ ନିଜ ନଜର ବୁଲାଇ ଆଣି ଦେଖିଲା କେହି ବି କେଉଁ ଆଡେ ଦେଖାଯାଉନାହାଁନ୍ତି।ଏହା ପରେ ସେ ଯେତେବେଳେ କୁକୁଡ଼ାମାନଙ୍କୁ ଧରିବା ପାଇଁ ଚେଷ୍ଟା କଲା, ସେହି ସମୟରେ ଆଗରୁ ଛପି ରହିଥିବା ମୁଣ୍ଡା ଭାଇ ତୀର ଚଳେଇ ଦେଲାରୁ ତାହା ଯାଇ ବିଲୁଆ ଦେହରେ ବାଜିଲା। ତୀର ମାଡ଼ ଯୋଗୁଁ ବିଲୁଆ ଶରୀରରୁ ନିମିଷକ ମଧ୍ୟରେ ଜୀବନ ଚାଲିଗଲା। ପାକି ବୁଢ଼ୀ ଓ ମୁଣ୍ଡା ଭାଇ ବିଲୁଆର ମୃତ ଦେହକୁ ବୋହି ନେଇ ଗାଁ ମଶାଣୀ ପାଖରେ ଫିଙ୍ଗିଦେଇ ଆସିଲେ। ନିଜର ଲୋଭ ଯୋଗୁଁ ବିଲୁଆ ଶେଷରେ ଅନ୍ୟ ଶବଖିଆ ଜୀବମାନଙ୍କର ଆହାର ବନିଗଲା। ତେଣୁ ପିଲାମାନେ, ଜୀବନରେ କେବେ ବି ଲୋଭକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ ।

+ମଙ୍ଗଳପୁର,ଅସୁରାଳି, ଭଦ୍ରକ
(ମୋ) ୭୦୦୮୩୧୫୯୧୬

# ରାଜ୍ୟରେ ଟିକା ଅଭାବ: ପ୍ରଭାବିତ ହେବ ଟିକାକରଣ

ଭୁବନେଶ୍ୱର,୯/୭ (ନି.ପ୍ର): ବର୍ତ୍ତମାନ ରାଜ୍ୟରେ ୧ ଲକ୍ଷ ୯୦ ହଜାର ୩୮୦ ଡୋଜ୍ କୋଭିସିଲଡ୍ ଓ ୨ ଲକ୍ଷ ୯୮ ହଜାର ୮୧୦ କୋଭାକ୍ସିନ ମହଜୁଦ୍ ରହିଛି । ରାଜ୍ୟରେ ଯେତିକି କୋଭିସିଲଡ୍ ଟିକା ଅଛି ଆଉ ୨ ଦିନ ଟିକାକରଣ ହୋଇପାରିବ । ତା ପରେ ଅଧିକାଂଶ ଜିଲ୍ଲାରେ ଟିକାକରଣ ବନ୍ଦ ରହିବ । ଆଜି ୪ଟି ଜିଲ୍ଲାରେ ଟିକାକରଣ ବନ୍ଦ ଅଛି ଆସନ୍ତା ୧୫ ତାରିଖରେ ଆଉ ୩ ଲକ୍ଷ ୧୬ ହଜାର ୪୭୦ ଡୋଜ୍ କୋଭିସିଲ୍ଡ ଆସିବ । ତେଣୁ ପ୍ରାୟ ୩, ୪ ଦିନ ଟିକାକରଣ ବାଧାପ୍ରାପ୍ତ ହେବ । ସେହିପରି ୧ ଲକ୍ଷ ୭୩ ହଜାର କୋଭାକ୍ସିନ ଡୋଜ ଆଜି କିମ୍ବା କାଲି ଆସିବ । ତେଣୁ କୋଭାକ୍ସିନ ଟିକାକରଣ ଚାଲିବ । ଚଳିତ ମାସରେ ରାଜ୍ୟ ପାଇଁ ୨୫ ଲକ୍ଷ ୩୧ ,୮୦୦ ଡୋଜ କୋଟା ଅଛି । ଏ ପର୍ଯ୍ୟନ୍ତ ୧୧ ଲକ୍ଷ ୬୦ ହଜାର ୪୦୦ ଡୋଜ ଆସି ସାରିଲାଣି ବୋଲି ସୂଚନା ଦେଇଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ । ସେ କହିଛନ୍ତି, ରାଜ୍ୟରେ ଟିକା ଅଭାବରୁ ପ୍ରଥମ ପର୍ଯ୍ୟାୟ ଟିକାକରଣ ଧିମେଇ ଯାଉଥିବା ବେଳେ ୨୮ ଲକ୍ଷ ଲୋକଙ୍କୁ କୋଭିସିଲ୍ଡର ଦ୍ୱିତୀୟ ଡୋଜ ଟିକା ଦିଆଯିବ । ଯେଉଁମାନେ ପ୍ରଥମ ଟିକା ନେବାର ୧୨ରୁ ୧୬ ସପ୍ତାହରେ ପହଂଚିଲେଣି, ସେମାନଙ୍କ ଦ୍ୱିତୀୟ ଡୋଜ ଦେବାକୁ ତତ୍ପରତା ପ୍ରକାଶ ପାଉଛି । ସେମାନଙ୍କ ମଧ୍ୟରୁ ଯେଉଁମାନେ ୧୬ ସପ୍ତାହ ପାଖାପାଖି ପହଂଚିଗଲେଣି ସେମାନଙ୍କୁ ପ୍ରାଥମିକତା ଦିଆଯିବ । ଅପରପକ୍ଷରେ ଗର୍ଭବତୀମାନେ କରୋନା ଟିକା ନେଲେ ବିପଦ ନାହିଁ । ତେବେ ଟିକା ନେବାକୁ ଆସୁଥିବା ଗର୍ଭବତୀ ଧାଡ଼ିରେ ଛିଡ଼ା ହେବେ ନାହିଁ । ଟିକାକରଣ କେନ୍ଦ୍ରରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତୀକ୍ଷାଳୟ କରାଯିବ । ଗର୍ଭବତୀମାନେ ଟିକା ନେଲେ ଫଳପ୍ରଦ ହେବ ବୋଲି ପ୍ରଥମେ ସେମାନଙ୍କୁ ସଚେତନ କରାଯିବ । ଗର୍ଭବତୀଙ୍କୁ ଟିକାକରଣ ନେଇ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ଦିଆଯିବ । ଟିକା ନେବା ପରେ ସେମାନଙ୍କ ଉପରେ ଏହାର କିଛି ପାର୍ଶ୍ୱ ପ୍ରତିକ୍ରିୟା ରହୁଛି କି ନାହିଁ ତାହା ଅନୁଧ୍ୟାନ କରାଯିବ । ଘର ଘର ବୁଲି ଗର୍ଭବତୀଙ୍କୁ ଟିକାକରଣ କରିବା ପ୍ରସ୍ତାବକୁ ବାରଣ କରାଯାଇଛି । କାରଣ ସେମାନେ ନିକଟସ୍ଥ କେନ୍ଦ୍ରକୁ ଆସି ଟିକା ନେଲେ ତାହାର ପାର୍ଶ୍ୱ ପ୍ରତିକ୍ରିୟା କ'ଣ ରହୁଛି ତାହା ନଜରରେ ରହିବ ବୋଲି କହିଛନ୍ତି ପରିବାର କଲ୍ୟାଣ ନିର୍ଦ୍ଦେଶକ ।

# ସିଟି କ୍ଲବ ତରଫରୁ ବନମହୋତ୍ସବ ପାଳିତ



ଭୁବନେଶ୍ୱର,୯/୭ (ନି.ପ୍ର): ସିଟିକ୍ଲବ ନୟାପଲ୍ଲୀ ଭୁବନେଶ୍ୱର ତରଫରୁ ସ୍ଥାନୀୟ ଦେବରାୟ ମହାବିଦ୍ୟାଳୟ ପରିସରରେ ବନମହୋତ୍ସବର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପଦ୍ମବିଭୂଷଣ ଏବଂ ପୂର୍ବତନ ସାଂସଦ ସ୍ୱର୍ଗତ ରଘୁନାଥ ମହାପାତ୍ର ଏବଂ ବିଶିଷ୍ଟ କ୍ରୀଡ଼ା ସଂଗଠକ ଓ ମହିଳା ଫୁଟବଲ କୋଚ୍ ସ୍ୱର୍ଗତ ନନ୍ଦ କିଶୋର ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦ୍ୟୁମ୍ନ ଶତପଥୀ, କ୍ଲବର ସଭାପତି ଡଃ ସୌର୍ଯ୍ୟରଞ୍ଜନ ପରିଜା, ସୁଲତା ଦେଓ, ସହଦେବ ରାଉତ, ପ୍ରସନ୍ନ ରାଉତ, ଇଂ. ଶିଶିର ନାୟକ, ଅମରେନ୍ଦ୍ର ମହାପାତ୍ର, ସ୍ଥାନୀୟ ପୂର୍ବତନ କର୍ପୋରେଟର ରମାନାଥ ସାମନ୍ତରାୟ, ନବ ବେହେରା, ନିଖିଳ ବଳବନ୍ତରାୟ, ଦେବରାୟ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ରୀନା ଘଡ଼େଇ, ଅଜିତ ସାମନ୍ତରାୟ, ସାଗର ବଳବନ୍ତରାୟ, ମିଳନ ପାଇକରାୟ, ଅର୍ଜୁନ ବେହେରା, ବିଶିଷ୍ଟ କଣ୍ଠଶିଳ୍ପୀ ସୌରଭ ନାୟକ ଏବଂ ଜୟଶ୍ରୀ ଧଳ, ତ୍ରିନାଥ ମଙ୍ଗରାଜ, ପବିତ୍ର ରାଉତରାୟ, ଜଲିଲ୍ ଖାନ, ଋଷି ପଟ୍ଟନାୟକ, ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ଯୋଗେନ୍ଦ୍ର ଜେନା, ସୁରଜ ପଣ୍ଡା, ଆଶିଷ କୁମାର ସାହୁ, ସଞ୍ଜୀବ ଆଗ୍ରୱାଲ, କ୍ଷୀରୋଦ ବେହେରା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ ।

# ଅନଲାଇନ୍‌ରେ ପଢ଼ିବେ ଅଣ୍ଡର ଗ୍ରାଜୁଏଟ ଛାତ୍ରଛାତ୍ରୀ: ଇ-ଲେକଚର ବ୍ୟବସ୍ଥାର ଲୋକାର୍ପିତ



ଭୁବନେଶ୍ୱର,୯/୭ (ନି.ପ୍ର): ଅନଲାଇନ୍ ରେ ପାଠ ପଢିବେ ଅଣ୍ଡର ଗ୍ରାଜୁଏଟ୍ ଛାତ୍ରଛାତ୍ରୀ । ରାଜ୍ୟରେ ଅଣ୍ଡର ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କ ପାଇଁ ଇ-ଲେକଚର ବ୍ୟବସ୍ଥା କରାଯାଇଛି । ଇ-ଲେକଚର ବ୍ୟବସ୍ଥାକୁ ଆଜି ଲୋକାର୍ପଣ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ । ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅନ୍ତର୍ଗତ ଭର୍ଚୁଆଲ ଟ୍ୟୁଟୋରିଆଲ ପ୍ରକଳ୍ପ ୨୦୧୭ ମସିହାରେ ଆରମ୍ଭ କରାଯାଇଥିଲା । ସମୁଦାୟ ୫ କୋଟି ଟଙ୍କାର ଏହି ପ୍ରକଳ୍ପରେ କେନ୍ଦ୍ର ଓ ରାଜ୍ୟ ସରକାର ୬୦:୪୦ ଅନୁପାତରେ ଅର୍ଥ ପ୍ରଦାନ କରିଥିଲେ । ବିଭିନ୍ନ ଅଣ୍ଡର ଗ୍ରାଜୁଏଟ ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ବିଷୟରେ ଇ-ଲେକ୍‌ଚର ପ୍ରସ୍ତୁତ କରିବା ନିମନ୍ତେ ଉତ୍କଳ ବିଶ୍ୱବିଦ୍ୟାଳୟର ଦୂର ଏବଂ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟଠାରେ ଏକ ଉତ୍ସର୍ଗୀକୃତ ଷ୍ଟୁଡିଓ ନିର୍ମାଣ କରାଯାଇଛି । ଛାତ୍ରଛାତ୍ରୀଙ୍କୁ ସହଜରେ ଉପଲବ୍ଧ କରାଇବା ପାଇଁ ଏନ୍.ଆଇ.ସି. ଦ୍ୱାରା ବିକଶିତ କରାଯାଇଥିବା ଏକ ସ୍ୱତନ୍ତ୍ର ପୋର୍ଟାଲ https://vtputkal.odisha.gov.in ରେ ପ୍ରସ୍ତୁତ ଇ-ଲେକ୍‌ଚରଗୁଡ଼ିକ ସ୍ଥାନିତ କରାଯାଇଛି । ବର୍ତ୍ତମାନ ପାଇଁ ପ୍ରଥମ ଓ ଦ୍ୱିତୀୟ ସେମିଷ୍ଟାରର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ପ୍ରାଣୀବିଜ୍ଞାନ, ଉଦ୍ଭିଦବିଜ୍ଞାନ, ରାଜନୀତି ବିଜ୍ଞାନ, ଓଡ଼ିଆ, ଇତିହାସ, ଇଂରାଜୀ, ମନସ୍ତତ୍ୱ ବିଜ୍ଞାନ, ବାଣିଜ୍ୟ ଓ ଅର୍ଥନୀତି ବିଷୟର କୋର ପେପରର ଇ-ଲେକ୍‌ଚର ପ୍ରସ୍ତୁତ କରାଯାଇ ୱେବ ପୋର୍ଟାଲରେ ଅପ୍‌ଲୋଡ କରାଯାଇଛି । ବାକି ସେମିଷ୍ଟାରର ଏହି ୧୧ଟି ବିଷୟରେ ଇ-ଲେକ୍ ଚର ଯଥା ସମୟରେ ଅପ୍‌ଲୋଡ କରାଯିବ । ପରବର୍ତ୍ତୀ ସମୟରେ ଅନ୍ୟ ବିଷୟଗୁଡ଼ିକର ଇ-ଲେକ୍‌ଚର ପ୍ରସ୍ତୁତ କରାଯିବ ।

# ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ଜିଲ୍ଲାସ୍ତରରେ କାର୍ଯ୍ୟକାରୀ କରି ପରିବର୍ତ୍ତନର ବାର୍ତ୍ତାବହ ହୁଅନ୍ତୁ : ସୂଚନା ମନ୍ତ୍ରୀ

ଭୁବନେଶ୍ୱର,୯/୭ (ନି.ପ୍ର): ଭର୍ଚୁଆଲ ମାଧ୍ୟମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ ଯେ କରୋନା ମହାମାରୀର ଭୟାବହତା ସତ୍ତ୍ୱେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀମାନେ ନିଜର ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଆସିଛନ୍ତି । ଲକ୍ ଡାଉନ୍, ସଟ୍ ଡାଉନ୍, କଣ୍ଟେନ୍‌ମେଂଟ ଜୋନ୍ ଘୋଷଣା, ବହିରାଗତ ଶ୍ରମଜୀବୀମାନଙ୍କର ଯିବାଆସିବା, କରୋନା ଟୀକାକରଣ ଆଦି ସମସ୍ତ କ୍ଷେତ୍ରରେ ଓତଃପ୍ରୋତ ଭାବେ ଜଡ଼ିତ ରହି ଗଣମାଧ୍ୟମକୁ ସମୁଚିତ ସୂଚନା ପ୍ରଦାନ କରିବାରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଅମ୍ଫାନ, ୟଶ୍ ବାତ୍ୟା ପରିପ୍ରେକ୍ଷୀରେ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ସେମାନଙ୍କ ଦାୟିତ୍ୱ ନିର୍ବାହ ପ୍ରଶଂସନୀୟ ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ ୫-ଟି ମନ୍ତ୍ରକୁ ଜିଲ୍ଲା ଓ ଉପଖଣ୍ଡ ସ୍ତରରେ କାର୍ଯ୍ୟକାରୀ କରି ରାଜ୍ୟର ବିକାଶ କ୍ଷେତ୍ରରେ ଆଶାନୁରୂପ ପରିବର୍ତ୍ତନର ବାର୍ତ୍ତାବହ ହେବା ପାଇଁ ମନ୍ତ୍ରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ । କରୋନା ମାହାମାରୀର ଦ୍ୱିତୀୟ ଲହରରେ ଜନସାଧାରଣଙ୍କୁ ସଚେତନ କରିବାରେ ସେମାନେ ପ୍ରମୁଖ ଭୂମିକା ନିର୍ବାହ କରିଛନ୍ତି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ତଥା ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ କହିଲେ ଯେ ବର୍ତ୍ତମାନ ସମୟରେ ତୁରନ୍ତ ଗଣମାଧ୍ୟମକୁ ଖବର ତଥା ସୂଚନା ପ୍ରସାର ଦିଗରେ ସୋସିଆଲ ମିଡିଆର ଅବଦାନ ଅନସ୍ୱୀକାର୍ଯ୍ୟ । ଜିଲ୍ଲାସ୍ତରରେ ପ୍ରଶାସନର ସଫଳତା, ବିଭିନ୍ନ ଯୋଜନାର ସଫଳ ରୂପାୟନ ଓ ଜୀବନ ଜୀବିକାର ଉତ୍କର୍ଷ ଆଦି ଚିକିନିଖି ସଫଳତାର କାହାଣୀ ବିଭିନ୍ନ ଗଣମାଧ୍ୟମରେ ସ୍ଥାନିତ ହେବା ଦିଗରେ ସେମାନେ ସୋସିଆଲ ମିଡିଆର ଉପଯୋଗ କରିବା ସର୍ବାଦୌ ବାଂଛନୀୟ । ଟ୍ୱିଟର, ଫେସ୍‌ବୁକ୍ ଓ ହ୍ୱାଟସଅପ୍ ଆଦିର ସଫଳ ଉପଯୋଗ କରି ସେମାନେ ଜିଲ୍ଲାର ସକରାତ୍ମକ କାହାଣୀଗୁଡ଼ିକୁ ଖୁବ୍‌ଶୀଘ୍ର ଲୋକଲୋଚନକୁ ଆଣି ପାରିବେ । ଜିଲ୍ଲାର ଐତିହ୍ୟ, ସଂସ୍କୃତି ଓ ପାଠାଗାରର ଅମୂଲ୍ୟ ପୁସ୍ତକଗୁଡ଼ିକୁ ଡିଜିଟାଇଜେସନ୍ କରିବା ଦିଗରେ ସେମାନେ ପ୍ରୟାସ କରିବା ଆବଶ୍ୟକ ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଲେ ଯେ ରାଜ୍ୟ ସରକାରଙ୍କ ପ୍ରମୁଖ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ଜିଲ୍ଲା ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ଗୁରୁତ୍ୱାରୋପ କରିବା ନିତାନ୍ତ ଜରୁରୀ । ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଓ ଜିଲ୍ଲାସ୍ତରରେ ଅନୁଭୂତ ହେଉଥିବା ସମସ୍ୟା ସତ୍ତ୍ୱେ ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ସୁଚାରୁ ରୂପେ ଦାୟିତ୍ୱ ସମ୍ପାଦନ କରିବା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ରାଜ୍ୟରେ ଥିବା ସୂଚନା କେନ୍ଦ୍ରଗୁଡ଼ିକର ଉନ୍ନତି, ଇ-ଲାଇବ୍ରେରୀର ଆଦୃତି ଅର୍ଜନ, ଜିଲ୍ଲାର ପ୍ରମୁଖ ସ୍ଥାନରେ ଭିଡିଓ ପ୍ରାଚୀରମାନ ସ୍ଥାପନ ଜରିଆରେ ସୂଚନା ପ୍ରଦାନ, କୋଭିଡ୍ ମହାମାରୀର ମାର୍ଗଦର୍ଶିକା ଓ ନିୟମାବଳୀ ଇତ୍ୟାଦିର ହୋର୍ଡିଂ ମାଧ୍ୟମରେ ପ୍ରଚାର, କାର୍ଯ୍ୟରତ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନାର ସବିଶେଷ ସ୍ଥିତି, ସାମ୍ବାଦିକ ଅଧିସ୍ୱୀକୃତି, ସୋସିଆଲ୍ ଓ ୱେବ୍ ମିଡିଆ ସମ୍ବନ୍ଧରେ ବିଶଦ ତଥ୍ୟ ପ୍ରଦାନ କରିବା ସହ ଜିଲ୍ଲାସ୍ତରରେ ୫-ଟି ଉପକ୍ରମର କାର୍ଯ୍ୟାନ୍ୱୟନ କିପରି ଅଧିକ ଫଳପ୍ରଦ ହୋଇପାରିବ ସେ ଦିଗରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀମାନେ ତତ୍ପରତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ସୂଚନା ଅଧିକାରୀମାନେ ମଧ୍ୟ ସେମାନଙ୍କର ସମସ୍ୟାଗୁଡ଼ିକ ବାବଦରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଭର୍ଚୁଆଲ୍ ବୈଠକରେ ଅତିରିକ୍ତ ନିର୍ଦ୍ଦେଶକ ଡ. ପ୍ରମୋଦ କୁମାର ମଲ୍ଲିକ, ଯୁଗ୍ମ ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପରିଡ଼ା, ଉପ ନିର୍ଦ୍ଦେଶକ ମାନସ ରଞ୍ଜନ ଖୁଂଟିଆ, ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶକ ବିଶ୍ୱଜିତ୍ ଦାଶ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆଇଟି ବୃତ୍ତିଧାରୀଙ୍କ ଟିକାକରଣ କାର୍ଯ୍ୟର ତଦାରଖ କଲେ ମନ୍ତ୍ରୀ ତୁଷାରକାନ୍ତି ବେହେରା

ଭୁବନେଶ୍ୱର,୯/୭ (ନି.ପ୍ର): ଆଜି ଓକାକ୍ ପକ୍ଷରୁ ଆଇଟି ବୃତିଧାରୀଙ୍କ ଦ୍ୱିତୀୟ ଡୋଜ୍ ଟିକାକରଣ କାର୍ଯ୍ୟକୁ କ୍ରୀଡ଼ା ଓ ଯୁବସେବା,ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତୁଷାରକାନ୍ତି ବେହେରା ତଦାରଖ କରିଛନ୍ତି । ଓକାକ୍‌ଟାୱାରଠାରେ ଅନୁଷ୍ଠିତ ଏହି ଟିକାକରଣ କାର୍ଯ୍ୟକ୍ରମରେ ଆଇଟି ବୃତିଧାରୀ ଓ କର୍ମଚାରୀମାନେ ସାମିଲ ହୋଇ ଟିକା ନେ ଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ସମସ୍ତେ ଟିକା ନିଅନ୍ତୁ ଏବଂ ସୁସ୍ଥ ରୁହନ୍ତୁ' ଆହ୍ୱାନକୁ ସଫଳ କରିବା ପାଇଁ ମନ୍ତ୍ରୀ ଶ୍ରୀ ବେହେରା ଏଠାରେ ଉପସ୍ଥିତ ରହି ସମସ୍ତଙ୍କୁ ଟିକା ନେବା ପାଇଁ ଉତ୍ସାହିତ କରିଥିଲେ । ଏଥି ସହିତ ଟିକା ନେଉଥିବା ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ରକ୍ଷା କରିବା ଏବଂ ସରକାରଙ୍କ ପ୍ରଦତ୍ତ ସମସ୍ତ କୋଭିଡ୍ ମାର୍ଗଦର୍ଶିକାର ସଠିକ୍ ଅନୁପାଳନ ପାଇଁ ପରାମର୍ଶ ଦେଇଥିଲେ । ପୂର୍ବରୁ ଓକାକ୍ ପକ୍ଷରୁ ପ୍ରଥମ ଡୋଜ୍ ଟିକାକରଣ ଅନୁଷ୍ଠିତ ହୋଇଥିବାବେଳେ ଆଜି ଦ୍ୱିତୀୟ ଡୋଜ ଟିକାକରଣ ନେଇ ଆଇଟି ବୃତିଧାରୀମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଗସ୍ତ ସମୟରେ ଓକାକ୍ ଜେନେରାଲ ମ୍ୟାନେଜର ମଧୁମିତା ରଥ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଫିଫା ଫୁଟବଲ ପଡ଼ିଆ ସହ କଳିଙ୍ଗ ଷ୍ଟାଡିୟମ୍‌ର ଭିତ୍ତିଭୂମି ତଦାରଖ କଲେ କ୍ରୀଡ଼ାମନ୍ତ୍ରୀ

ଭୁବନେଶ୍ୱର,୯/୭ (ନି.ପ୍ର): ଫିଫା ୧୭ ବର୍ଷରୁ କମ୍ ମହିଳା ୱାଲର୍ଡ କପ୍-୨୦୨୨ ଲାଗି ରାଜଧାନୀ ଭୁବନେଶ୍ୱରଠାରେ ପ୍ରସ୍ତୁତ ହୋଇଥିବା ୫ଟି ପଡ଼ିଆକୁ ଇଲେକ୍‌ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ବୁଲି ଦେଖିଛନ୍ତି । କ୍ରୀଡ଼ା ବିଭାଗ ବରିଷ୍ଠ ଅଧିକାରୀ, ପିଏମ୍‌ୟୁ ଟିମ୍ ଏବଂ ପଡ଼ିଆ ନିର୍ମାଣ ଭାର ନେଇଥିବା ସଂସ୍ଥାର ଅଧିକାରୀମାନଙ୍କ ସହ ମନ୍ତ୍ରୀ ଶ୍ରୀ ବେହେରା ପଡ଼ିଆର ନିର୍ମାଣଶୈଳୀ, ମାନ ତଥା ସ୍ଥାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ନିର୍ମାଣ ହୋଇଥିବା ୫ଟି ପଡ଼ିଆ ମଧ୍ୟରେ କଳିଙ୍ଗ ଷ୍ଟାଡିୟମ୍‌ରେ ୨ଟି, ସପ୍ତମ ବାଟାଲିୟନ୍‌ରେ ୨ଟି ଏବଂ ୟୁନିଟ୍-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲରେ ଗୋଟିଏ ଅବସ୍ଥିତ । ଏଥି ସହିତ ମନ୍ତ୍ରୀ ଶ୍ରୀ ବେହେରା ଆଜି କଳିଙ୍ଗ ଷ୍ଟାଡିୟମ୍‌ର ଭିତିଭୂମି ସଂପ୍ରସାରଣ କାର୍ଯ୍ୟର ତଦାରଖ କରିଥିଲେ । କଳିଙ୍ଗ ଷ୍ଟାଡିୟମ୍ ପରିସରରେ ଥିବା ବ୍ୟାଡ୍‌ମିନଟନ ହାଇ ପରଫର୍ମାନ୍ସ ସେଂଟର, ଇଣ୍ଡୋର ଆଥଲେଟିକ୍ ଟ୍ରାକ୍, ଟେନିସ ସେଂଟର କୋର୍ଟ୍, ଆକ୍ୱାଟିକ୍ କମ୍ପ୍ଲେକ୍ସ, ହକି ହାଇ ପରଫର୍ମାନ୍ସ ସେଂଟର, ଅଫିସିଆଲ୍ ଓ କର୍ମଚାରୀଙ୍କ ଆବାସସ୍ଥଳୀର ସଂପ୍ରସାରଣ କାର୍ଯ୍ୟକୁ ବୁଲି ଦେଖିବା ସହ କାର୍ଯ୍ୟଭାର ନେଇଥିବା ସଂସ୍ଥାର କାର୍ଯ୍ୟନିର୍ବାହୀଙ୍କ ସହ କାର୍ଯ୍ୟର ମାନ ଏବଂ ସମୟ ଅବଧି ସଂପର୍କରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ କ୍ରୀଡ଼ା ବିଭାଗ ଉପଶାସନ ସଚିବ ରଞ୍ଜିତପରିଡ଼ା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସ୍ୱଷ୍ଟ ନୀତି ପ୍ରଣୟନ ହେଉ : ଜେ.ଏସ୍.ଏଫ୍

ଭୁବନେଶ୍ୱର,୯/୭ (ନି.ପ୍ର): ଭାରତରେ ଅସନ୍ତୁଳିତ ଜନସଂଖ୍ୟା ବିସ୍ଫୋରଣ କେବଳ ସାମାଜିକ ସମସ୍ୟା ତିଆରି କରୁନାହିଁ ତା ସହିତ କୁପୋଷଣ, ଅପପୁଷ୍ଟ ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଅପରାଧ, ପାନୀୟଜଳର ଅଭାବ, ଗରିବୀ, ପରିବେଶ ପ୍ରଦୂଷଣ, ଜଳବାୟୁରେ ପରିବର୍ତ୍ତନ, ବେକାରୀ ସଂଖ୍ୟା ବୃଦ୍ଧି, ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ କୃଷି ଜମିର ପରିମାଣ ତୀବ୍ର ଗତିରେ କମିବାରେ ଲାଗିଛି । ବିପୁଳ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆମ ଦେଶର ସରକାର ପ୍ରଦାନ କରୁଥିବା ଜନହିତକାରୀ ଯୋଜନା ଗୁଡ଼ିକ ସମସ୍ତଙ୍କ ନିକଟରେ ପହଞ୍ଚିପାରୁ ନାହିଁ । ଯାହାର ସଦ୍ୟ ଉଦାହରଣ ହେଉଛି କରୋନା ପ୍ରତିଷେଧକ ବ୍ୟବସ୍ଥା ଓ ସଚେତନତା । ତା ସାଙ୍ଗକୁ ଜନସଂଖ୍ୟାର ସୁଚିନ୍ତିତ ବିସ୍ଫୋରଣ ଆଗାମୀ ଦିନରେ ଆମ ଦେଶରେ ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିକୁ ଇତିହାସରେ ପରିଣତ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଜନସଂଖ୍ୟା ବିସ୍ଫୋରଣ ରୋକିବା ପାଇଁ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ବିଗତ ୧୩ବର୍ଷ ହେଲା ଦେଶର ପ୍ରାୟ ସବୁ ରାଜ୍ୟରେ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସିଛି । ଜନସଚେତନତା ଓ ସ୍ଥାନୀୟ ସରକାରଙ୍କ ଆଗ୍ରହ ଯୋଗୁଁ ଉତ୍ତର ପ୍ରଦେଶ ଓ ଆସାମରେ ସବୁ ନାଗରିକଙ୍କ ପାଇଁ ଦୁଇ ସନ୍ତାନ ନୀତି ପ୍ରଣୟନ କରିବାକୁ ସେଠାକାର ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି ।

# ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୧ ପ୍ରଦାନ



ଭୁବନେଶ୍ୱର,୯/୭ (ନି.ପ୍ର): ବାଲିଅନ୍ତା ବ୍ଲକର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଗୀତାଞ୍ଜଳି ଇଣ୍ଡିଆ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ସରକାରଙ୍କ କୋଭିଡ଼ ନିୟମ ଅନୁଯାୟୀ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ୧ରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଚତୁର୍ଥ ଗୀତାଞ୍ଜଳି ପ୍ରତିଭା ସମ୍ମାନ-୨୦୨୧ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ବଟକୃଷ୍ଣ ସାହୁ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବରେ ଜୟଦେବ ବିଧାୟକ ଡଃ ଅରବିନ୍ଦ ଢାଲୀ ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହିମାଂଶୁ ଭୂଷଣ ଓଝା, ବିଧାୟକ ପ୍ରତିନିଧି ଅଚ୍ୟୁତାନନ୍ଦ ପାତ୍ର, ଜିଲ୍ଲା ପରିଷଦ ସଭ୍ୟ ଅମରେନ୍ଦୁ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ବଦ୍ରୀନାରାୟଣ ବେହେରା, ବିଧୂଭୂଷଣ ପଟ୍ଟନାୟକ, ସିଦ୍ଧେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ସଭ୍ୟ ବିଶ୍ୱଜିତ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶ୍ରୀ କାମିନୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବାଲିଅନ୍ତା ବ୍ଲକର ୧୩ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଗୀତାଞ୍ଜଳି ପ୍ରତିଭା ସମ୍ମାନ ପ୍ରଦାନ କରାଯିବା ସହ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୀତାଞ୍ଜଳି ଆଦର୍ଶ ଶିକ୍ଷକ ସମ୍ମାନ ଓ ୨ଟି ବିଦ୍ୟାଳୟକୁ ଗୀତାଞ୍ଜଳି ଆଦର୍ଶ ବିଦ୍ୟାଳୟ ସମ୍ମାନ ପ୍ରଦାନ କରାଯାଇଛି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବିରୁଦ୍ଧରେ ରାଜ୍ୟବ୍ୟାପୀ ବ୍ଲକ ଘେରାଓ କଲା ବିଜେପି

ଭୁବନେଶ୍ୱର,୯/୭ (ନି.ପ୍ର): ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା କରି ପାଖାପାଖି ୧୦୦୦ କୋଟି ଟଙ୍କାର ଦୁର୍ନୀତିରେ ବିଶ୍ୱସ୍ତରୀୟ ରେକର୍ଡ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ବିରୁଦ୍ଧରେ ରାଜ୍ୟବ୍ୟାପୀ ବ୍ଲକ ଘେରାଓ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ବଂଟନ କରିବା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ବଂଟନରେ ହୋଇଥିବା ମହାଦୁର୍ନୀତିକୁ ପର୍ଦ୍ଦାଫାଶ କରିବା ପାଇଁ ତଦନ୍ତ ଭାର ସିବିଆଇକୁ ଦେବା ପାଇଁ ବିଜେପି କାର୍ଯ୍ୟକର୍ତ୍ତାମାନେ ଦାବି କରିଛନ୍ତି । ଆଜି ରାଜ୍ୟର ବିଭିନ୍ନ ବ୍ଲକ ସମ୍ମୁଖରେ ବିଜେପି କାର୍ଯ୍ୟକର୍ତ୍ତାମାନେ ପ୍ରତିବାଦ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟରେ ରାଜ୍ୟ ସରକାରଙ୍କ ମହାଦୁର୍ନୀତିକୁ ପର୍ଦ୍ଦାଫାଶ କରିଛନ୍ତି । ରିପୋର୍ଟ ଅନୁଯାୟୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା ହେବା ସହ ପାଖାପାଖି ୧୦୦୦ କୋଟି ଟଙ୍କାର ବାଟମାରଣା ହୋଇଛି । ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଚ୍ଚା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ଫନି ବାତ୍ୟା ପରବର୍ତ୍ତୀ ସମୟରେ ପକ୍କା ଘର ବଂଟନରେ ରାଜ୍ୟ ସରକାରଙ୍କ ଟାଳ ଟୁଳ ନୀତି ପଦାକୁ ଆସିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବରଗଡ, ବଲାଙ୍ଗିର, ବୌଦ୍ଧ, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ରାୟଗଡା, ସମ୍ବଲପୁର ଓ ସୁନ୍ଦରଗଡ ଆଦି ଜିଲ୍ଲାକୁ ଘର ଆବଂଟନ ଶୂନ ରହିଥିବାବେଳେ କେବଳ ଝାରସୁଗୁଡା ଜିଲ୍ଲାକୁ ଏହି ଯୋଜନାରେ ମାତ୍ର ୪ଟି ଘର ଆବଂଟନ କରାଯାଇଛି । ରାଜ୍ୟ ସରକାର ପକ୍କା ଘର ବଂଟନରେ ଦୁର୍ନୀତି କରିବା ସହ ପଶ୍ଚିମ ଓଡିଶାବାସୀଙ୍କ ପ୍ରତି ଅନ୍ୟାୟ ଓ ପାତରଅନ୍ତର କରିଛନ୍ତି । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ । ରାଜ୍ୟର ପ୍ରତ୍ୟେକ ବାସଗୃହହୀନ ଗରୀବଙ୍କୁ ପକ୍କାଘର ଯୋଗାଇ ଦେବା ପାଇଁ ବିଜେପି ପ୍ରତିଶୃତିବଦ୍ଧ । ଖୋର୍ଦ୍ଧା ଜିଲ୍ଲାର ଚିଲିକା ଓ ବାଣପୁରଠାରେ ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଟାଙ୍ଗୀରେ କାଳୁ ଖଣ୍ଡାୟତରାୟ; ଭୁବନେଶ୍ୱରରେ ଜିଲ୍ଲା ସଭାପତି ବାବୁ ସିଂ; ସମ୍ବଲପୁର ଜିଲ୍ଲାର କୁଚିଣ୍ଡାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ରେଙ୍ଗାଲୀରେ ବିଧାୟକ ନାଉରୀ ନାଏକ, ରେଡାଖୋଲରେ ଦେବେନ୍ଦ୍ର ମହାପାତ୍ର; ବୌଦ୍ଧ ଜିଲ୍ଲାର କଂଟାମାଳରେ ରାଜ୍ୟ ସାଧାରଣ ସଂପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର; ଦେବଗଡ ଜିଲ୍ଲାର ରେମାଳରେ ଅରୁଣ କୁମାର ସାହୁ, ମୀନ କେତନ ପ୍ରଧାନ; ଝାରସୁଗୁଡା ଜିଲ୍ଲାର ଝାରସୁଗୁଡା ଓ କୁଲାବିରାରେ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ; ବଲାଙ୍ଗୀର ଜିଲ୍ଲାର ଅଗଲାପାଲିରେ ବିଧାୟକ ଡ.ମୁକେଶ ମହାଲିଙ୍ଗ; କଳାହାଣ୍ଡି ଜିଲ୍ଲାର କୋକସରାରେ ବଦ୍ରି ପଟ୍ଟନାୟକ, ଧର୍ମଗଡରେ ସୁଧୀର ପାଟଯୋଶୀ, ଜୁନାଗଡରେ ଅଜୟ ପାଣିଗ୍ରାହୀ, କର୍ଲାମୁଣ୍ଡାରେ ନମିତା ସାହୁ, ଏମ.ରାମପୁରରେ ପ୍ରଶାନ୍ତ ସାହୁ; ସୋନପୁର ଜିଲ୍ଲାର ଉଲୁଣ୍ଡାରେ ସୌଦାମିନୀ ଜାର୍, ବୀରମହାରାଜ ପୁରରେ ନନ୍ଦିନୀ ପଣ୍ଡା; ଗଂଜାମ ଜିଲ୍ଲାର ହିଂଜିଳିକାଟୁରେ ଶିଶିର ମିଶ୍ର; ସୁନ୍ଦରଗଡ ଜିଲ୍ଲା ନୂଆଗାଁରେ ବିଧାୟକ ଶଙ୍କର ଓରାମ ଓ ଲତିକା ପଟ୍ଟନାୟକ; ବରଗଡ ଜିଲ୍ଲାର ଭଟଲିରେ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଇରାସିସ ଆଚାର୍ଯ୍ୟ, ପାଇକମାଳରେ କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ; ନିମାପଡାରେ ରାଜ୍ୟ ଉପସଭାନେତ୍ରୀ ପ୍ରଭାତି ପରିଡା; ନବରଙ୍ଗପୁର ଜିଲ୍ଲାର ଉମରକୋଟ ଓ ରାଇଗଡରେ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ରମେଶ ସାହୁଙ୍କ ସମେତ ରାଜ୍ୟର ପ୍ରମୁଖ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଭିଡିଓ ଜରିଆରେ ପ୍ରଦାନ କରାଯାଇଥିଲା ।

## ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ମଙ୍ଗଳପୁର/ସୋର,୦୯/୦୭ (ନି.ପ୍ର): ସ୍ଥାନୀୟ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୟୁଥ୍ ରେଡ୍‌କ୍ରସ୍ ୟୁନିଟ୍ ତରଫରୁ ବନ ମହୋତ୍ସବ ଉପଲକ୍ଷେ ଏକ ନିମ୍ବଚାରା ରୋପଣ କରାଯାଇଛି । ଏହି ନିମ୍ବ ଚାରାକୁ ଏ ଅଞ୍ଚଳ ତଥା ବାଲେଶ୍ୱରର ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ଓ ଗବେଷକ ଡକ୍ଟର ପ୍ରହ୍ଲାଦ ଚରଣ ମହନ୍ତିଙ୍କ ନାମରେ ନାମିତ କରାଯାଇଛି । ଅଧ୍ୟକ୍ଷ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ବିଶ୍ୱାଳଙ୍କ ପୌରହିତ୍ୟରେ ୟୁଥ୍ ରେଡକ୍ରସ୍ କାଉନସିଲର ତଥା ଇଂରାଜୀ ଅଧ୍ୟାପକ ଡକ୍ଟର ପୁଣ୍ୟବ୍ରତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ବିଜୟ କୁମାର ମହାଳିକ, ଡକ୍ଟର ସମ୍ବିତ୍ କୁମାର ପଳିତା, ବିଦ୍ୟାଳୟର କର୍ମଚାରୀ ମାନେ ଓ ୟୁଥ୍ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅବଶେଷରେ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ମୋ ପରିବାର ଓ ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତ ଦାନ ଶିବିର ଓ ବୃକ୍ଷରୋପଣ

ନୀଳଗିରି,୦୮/୦୭ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଜିଲ୍ଲା ସଭାପତି ରବୀନ୍ଦ୍ର ଜେନା ଙ୍କ ନିର୍ଦ୍ଦେଶରେ କରୋନା ମହାମାରୀ ସମୟରେ ରକ୍ତ ଅଭାବକୁ ଦୂର କରିବା ପାଇଁ ଆଜି ନୀଳଗିରି ଏନ.ଏ.ସି.ରେ କଲ୍ୟାଣ ମଣ୍ଡପ ସମ୍ମୁଖରେ ଓଡ଼ିଶା ମୋ ପରିବାର ଓ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ ଓ ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବିଜେଡି ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ବେହେରା, ଶିଶିର ରାଉତ, ରବିନ୍ଦ୍ର ନାୟକ, ନିରାଶମଣି ବାଗ ଉପସ୍ଥିତ ରହି ସହଯୋଗ କରିଥିଲେ । ଏହି ଶିବିରେ ୩୦ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ପରେ ନୀଳଗିରି ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଛେଳି ଚୋରକୁ ଧରାଇଦେଲା ବାଇକ, ବନ୍ଧା ହେଲେ ଯୁବକ

ନୀଳଗିରି,୦୮/୦୭ (ନି.ପ୍ର): ଏକ ନିଛାଟିଆ ଜାଗାରେ ଏକ ବାଇକ ଛିଡ଼ା ହୋଇଥିବା ବେଳେ ଗାଡ଼ି ନିକଟରେ କେହି ନ ଥିବାର ଦେଖି ରାତି ଅଧରେ ଗାଁ ଲୋକମାନଙ୍କର ସନ୍ଦେହ ହୋଇଥିଲା । ଚତୁରତାର ସହ କିଛି ଗ୍ରାମର ଯୁବକ ଗାଡ଼ିଟିକୁ ଜଗି ବସିଥିଲେ । ଶେଷରେ ରାତି ପ୍ରାୟ ୩ଟା ସମୟରେ ଗାଁର ଅନ୍ୟ ଏକ ସ୍ଥାନରୁ ଅଜଣା ଯୁବକଙ୍କୁ ପାଇଲା ପରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇଥିଲେ । ସୂଚନା ଅନୁସାରେ ନୀଳଗିରି ଥାନା ଦକ୍ଷିଣ କୁଅଁରପୁର ଗ୍ରାମରେ ବହୁବାର ଛେଳି ଚୋରୀ, ସାଇକେଲ ଚୋରୀ ହେଉଥିବା ବେଳେ ଗତକାଲି ରାତିରେ ଏକ ନିଛାଟିଆ ସ୍ଥାନରେ ଏକ ବାଇକ ଛିଡ଼ା ହୋଇଥିବା ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ଉପୁଜିଥିଲେ । ଶେଷରେ ରାତି ତମାମ ବାଇକଟିକୁ ଗ୍ରାମବାସୀମାନେ ଜଗି ବସିଥିଲେ । ରାତି ପ୍ରାୟ ୩ଟା ସମୟରେ ଏକ ଅଜଣା ଯୁବକ କୁ ଗାଁରୁ ଠାବ କରିଥିଲେ । ଛେଳି ଚୋର ସନ୍ଦେହରେ ଅଜଣା ଯୁବକକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ପକାଇଥିଲେ । ତେବେ ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି ।

## ୫ ସାଇବର ଠକ ଗିରଫ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଭୁବନେଶ୍ୱରରୁ ଗିରଫ ହୋଇଛନ୍ତି ୫ ସାଇବର ଠକ । ଭରତପୁର ଥାନା ପୋଲିସ ସହାୟତାରେ ହାଇଦ୍ରାବାଦ ପୋଲିସ ଏହି ୫ଜଣ ଠକକୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ୩ ଜଣ ଘାଟିକିଆ ଓ ୨ ଜଣ ବରମୁଣ୍ଡା ଅଂଚଳର ରହିଛନ୍ତି । ଆଜି ହାଇଦ୍ରାବାଦ ପୋଲିସକୁ ହସ୍ତାନ୍ତର କରିବ କମିଶନରେଟ ପୋଲିସ । ଅଭିଯୋଗ ଅନୁସାରେ, ଗିରଫ ଅଭିଯୁକ୍ତ ମାନେ ହାଇଦ୍ରାବାଦରେ ୩୦ ଲକ୍ଷ ଟଙ୍କାର ସାଇବର କ୍ରାଇମରେ ସମ୍ପୃକ୍ତ ଥିଲେ ।

## ଶେଷ ହେଲା ତିନି ରଥର ପ୍ରଭା ଫିଟିଂ

ପୁରୀ,୦୮/୦୭ (ନି.ପ୍ର): ଆସନ୍ତା ୧୨ ତାରିଖ ସୋମବାରଦିନ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । କୋଭିଡ଼ କଟକଣା ମଧ୍ୟରେ ଚଳିତ ବର୍ଷର ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆଜି ତିନି ରଥର ପ୍ରଭା ଫିଟିଙ୍ଗ କାର୍ଯ୍ୟ ଶେଷ ହୋଇଛି । ଏଥିସହ ତିନି ରଥର ଦୁଆରବେଢାରେ କନା ମଣ୍ଡଣି ସହିତ ମଗର ବେଢାର ବତା ଗୁଡ଼ିକରେ ମଗର ପଟି ପଡ଼ିବା ଶେଷ ହୋଇଛି । ଦରଜୀସେବକମାନେ ବତା କନା ଗୁଡ଼ିକର ଯୋଡ଼ଣି କାର୍ଯ୍ୟ ଓ ତିନିରଥର ସାରଥୀମାନଙ୍କ ପୋଷାକ ନିର୍ମାଣ ମଧ୍ୟ ଶେଷ କରିଛନ୍ତି । ଏଥିସହିତ ଠାକୁରମାନଙ୍କ ବିଜେ ସମୟରେ ପଟୁଆରରେ ଆସୁଥିବା କଳା ଛତି, ଧଳାଛତି ଓ ଓଲାରେ କନା ପଡ଼ିବା କାର୍ଯ୍ୟ ଜାରି ରଖିଛନ୍ତି ।

## ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ କରୋନା ସଚେତନତା



ଜଳେଶ୍ୱର ୯/୭(ନିପ୍ର) : ବାଲେଶ୍ୱର ସରକାରୀ ମେଡିକାଲ କ୍ରୀୟାନୁଷ୍ଠାନ କମିଟି ଜଳେଶ୍ୱର ଶାଖା ପକ୍ଷରୁ ଆଜି ଶୁକ୍ରବାର ଜଳେଶ୍ୱର ହାଟପଡିଆଠାରେ ଏକ ମାଗଣ ସ୍ୱାସ୍ଥ୍ୟ ଶିବିର ଓ କରୋନା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ପଶ୍ଚିମବଂଗକୁ ଲାଗି ରହିଥିବା ଜଳେଶ୍ୱର ଅଂଚଳରେ କରୋନା ସଂକ୍ରମଣ କମୁନଥିବାରୁ ଲୋକମାନଙ୍କୁ ସଚେତନତା କରିଯିବାଲାଗି ଏହା ପ୍ରୟାସ ବୋଲି ଜଣାଯାଇଛି ।ଏହି ଶିବିରକୁ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ । ଡାକ୍ତର ତାରାକାନ୍ତ ନନ୍ଦ ଲୋକମାନଙ୍କ ରୋଗ ନିରୂପଣ କରିଥିବା ବେଳେ କମିଟି ପକ୍ଷରୁ ମାକ୍ସ, ସେନିଟାଇଜର ବଣ୍ଟନ କରି କରୋନାର ସମ୍ଭାବ୍ୟ ୩ୟ ଲହର ସଂପର୍କରେ ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ଜିଲା ସଭାପତି ମମତା ମହାପାତ୍ର, ସାଧାରଣ ସଂପାଦକ ପ୍ରଦୀପ ଦାସ, ନିଳାଦ୍ରୀ ଭୂଷଣ ହୋତା, କୁମୁଦ ରଂଜନ ଗିରି, ଗୌରାଙ୍ଗ ପାଣିଗ୍ରାହୀ, ବିଷ୍ଣୁପଦ ମହାନ୍ତି, ଦିଲ୍ଲିପ ଗିରି, କମଳ ଚକ୍ରବର୍ତ୍ତୀ, ନିରଞ୍ଜନ ପରିଡା, ଅଜିତ୍ ମହାନ୍ତି, ସୁକୁମାର ରଣା, ତାରାକାନ୍ତ ନନ୍ଦ, ଅରୁଣ ବେଜ, ରମାକାନ୍ତ ଭଂଜ, କପିଳେଶ୍ୱର ମହାନ୍ତି, ହେମ ହରିପଦ ଦାସ, ତାରାପଦ ମହାନ୍ତି, ନବେନ୍ଦ୍ର ପ୍ରଧାନ, ମନୋରଂଜନ ଦାସ, ସୁଧିର ମହାନ୍ତି, ଅବନୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

## ବାରିପଦା ରୋଟାରୀ କ୍ଲବ ପକ୍ଷରୁ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ

### ଆନ୍ତର୍ଜାତିକ ରୋଟାରୀ ମିଶନରେ ୫ହଜାର ବୃକ୍ଷରୋପଣ ଲକ୍ଷ୍ୟଧାର୍ଯ୍ୟ




ବାରିପଦା,୦୮/୦୭ (ନି.ପ୍ର): ଆଜି ପୂର୍ବାହ୍ନରେ ବାରିପଦା ରୋଟାରୀ କ୍ଲବ ପକ୍ଷରୁ ବାରିପଦା ବ୍ଲକ ଅନ୍ତର୍ଗତ ଦାମୋଦରପୁର ଓ ଭାଗବତପୁର ଗ୍ରାମରେ ଆନ୍ତର୍ଜାତିକ ରୋଟାରୀ ମିଶନ ଗ୍ରୀନ ଟୁ ଗ୍ରୋ ଅକ୍ସିଜେନ କାର୍ଯ୍ୟକ୍ରମରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଚଳିତ ବର୍ଷ ୫ ହଜାର ବୃକ୍ଷରୋପଣର ଲକ୍ଷ୍ୟଧାର୍ଯ୍ୟ ରଖାଯାଇଥିବା ବେଳେ ଆଜି ପ୍ରଥମ ଦିବସରେ ରେଞ୍ଜ ଅଫିସର ଲକ୍ଷ୍ମୀଧର ବେହେରା, ବନକର୍ମଚାରୀ କୃଷ୍ଣ ଚନ୍ଦ୍ର ଦେଙ୍କ ତତ୍ତ୍ୱାବଧାନରେ ରୋଟାରୀ କ୍ଲବର ସଭାପତି ରାଜକୁମାର ଖଣ୍ଡେଲୱାଲା, ସମ୍ପାଦକ ରାକେଶ ସିଂ ଏବଂ ପୂର୍ବତନ ବରିଷ୍ଠ ସଭାପତି ମାନଙ୍କ ନେତୃତ୍ୱରେ ୩୮ଜଣ ସଦସ୍ୟ ଓ ଗ୍ରାମବାସୀ ମାନଙ୍କ ମିଳିତ ସହଯୋଗରେ ୨୫୦ ଟି ଜାମୁ, ଆମ୍ବ, ପଣସ, ଆମ୍ବଡା ଆଦି ଫଳଗଛ ଲଗାଯାଇଥିବାର ଜଣା ଯାଇଛି । ଆଗାମୀ ଦିନରେ ଗ୍ରାମବାସୀ ମାନଙ୍କ ଆର୍ଥିକ ଉନ୍ନତି ପାଇଁ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଏହି ଯୋଜନା ଚାଲୁ ରହିବ ବୋଲି ରୋଟାରୀ କ୍ଲବ ପକ୍ଷରୁ କୁହାଯାଇଛି ।

## ଗୃହ ସ୍ୱାମୀଙ୍କ ଅନୁପସ୍ଥିତିରେ ଘରର ତାଲା ଭାଙ୍ଗି ଚୋରି

ବାଲିଆପାଳ,୦୮/୦୭ (ନି.ପ୍ର): ବାଲିଆପାଳ ଥାନା ଖଗଡାପାଳ ଗ୍ରାମର ଶଙ୍କର୍ଷଣ ପାଠୀ ଦୀର୍ଘ ଦିନ ଧରି ଭୁବନେଶ୍ୱରରେ ପୁଅ ପାଖରେ ରହି ଚିକିତ୍ସିତ ହେଉଥିଲେ । ତାଙ୍କ ଘରେ ଜଣେ ଭଡାଟିଆ ରହୁଥିଲେ । ଗତ ସପ୍ତାହ ତଳେ ସେ ଭଡାଟିଆ ଜଣେ ସଂର୍ପକୀୟଙ୍କ ଘରକୁ ଯାଇଥିଲା । ଏହାର ସୁଯୋଗ ନେଇ ଗତ କାଲି ରାତିରେ ଚୋର ମାନେ ଘରର ଗ୍ରୀଲ ଓ କବାଟ ଭାଙ୍ଗି ଘର ଭିତରକୁ ପଶିଥିଲେ । ସେମାନେ ଘରର ୩ଟି ଆଲମାରୀ,ବକ୍ସ ପଲଙ୍କ ତଳେ ଥିବା ସୁନାରୂପା ଅଳଙ୍କାର ଓ ମୂଲ୍ୟବାନ ଆସବାପତ୍ର ନେଇଯାଇଛନ୍ତି । ଗଲାବେଳେ ଚୋରମାନେ ସ୍କୃରୁ ଡ୍ରାଇଭର,ପ୍ଲାସ ଓ ରୁମାଲ ଛାଡିଯାଇଛନ୍ତି । ଆଜି ସକାଳେ ଶଙ୍କର୍ଷଣଙ୍କ ଝିଆରୀ ଟେପରୁ ପାଣି ଆଣିବାକୁ ଯାଇ ଘରର କବାଟ ଓ ଗ୍ରୀନ ଭଙ୍ଗା ହୋଇଥିବା ଦେଖି ତାଙ୍କ ଜ୍ୱାଇଁ ଭୂବନ ପାଣିଗ୍ରାହୀଙ୍କୁ ଖବର ଦେଇଥିଲେ । ଭୂବନର ଏତଲା ମୂଳେ ପୁଲିସ ସରଜମିନ ତଦନ୍ତ କରି ଫେରିଯାଇଛନ୍ତି । ମାତ୍ର ଚୋର ମାନଙ୍କୁ ଠାବ କରାଯାଇ ପାରିନାହିଁ । ଚୋରି ହୋଇଥିବା ଅଳଙ୍କାର ଓ ଆସବାପତ୍ର ଆନୁମାନିକ ମୂଲ୍ୟ ୪/୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୩୨ ଲକ୍ଷ ମନରେଗା ଶ୍ରମିକଙ୍କୁ ୩୫୨....

ରୋଜଗାର ଦେବା ପାଇଁ କାମ କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ କୋଭିଡର ଦ୍ୱିତୀୟ ଲହରରେ ଗରିବ ଲୋକଙ୍କ ଅସୁବିଧା ଦୂର କରିବା ପାଇଁ ୧୬୯୦ କୋଟି ଟଙ୍କାର ସ୍ୱତନ୍ତ୍ର କୋଭିଡ ସହାୟତା ଘୋଷଣା କରିଛନ୍ତି । ଏଥିରେ ଶ୍ରମିକ ମାନଙ୍କ ପାଇଁ ମଧ୍ୟ ୩୫୨ କୋଟି ଟଙ୍କାର ସହାୟତା ରହିଛି । ଏମଜିଏନଆରଇଜିଏସ୍ ରେ ଗତବର୍ଷ ୨୦ କୋଟି ଶ୍ରମ ଦିବସ ସୃଷ୍ଟି ହୋଇଥିବା ବେଳେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୭ କୋଟି ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି ଏବଂ ବର୍ଷ ଶେଷ ସୁଧା ୨୫ କୋଟି ଶ୍ରମ ଦିବସ ସୃଷ୍ଟି ପାଇଁ ଲକ୍ଷ ରଖା ଯାଇଛି । କରୋନାର ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ଶେଷ ହୋଇନାହିଁ ବୋଲି ଦୋହରାଇ ସେ ସମସ୍ତଙ୍କୁ ଟୀକା ନେବାକୁ ଓ କୋଭିଡ ନିୟମ ମାନିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ପଂଚାୟତରାଜ ମନ୍ତ୍ରୀ ପ୍ରତାପ ଜେନା ଗରିବ କୃଷକ ଶ୍ରମିକ ମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ପଦକ୍ଷେପ ଗ୍ରାମ୍ୟ ଅର୍ଥନୀତି କୁ ସୁଦୃଢ କରିବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନୂଆପଡା ବିଧାୟକ ରାଜେନ୍ଦ୍ର ଢୋଲକିଆ ଏବଂ ରାଉରକେଲା ବିଧାୟକ ଶ୍ରୀ ସାରଦା ନାୟକ ପ୍ରମୁଖ ଯୋଗ ଦେଇ ବିଭିନ୍ନ ବିକାଶ ଓ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱର ଉଚ୍ଚ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ୩୧୪ ଟି ବ୍ଲକର ଏମଜିଏନଆରଇଜିଏସ୍ ଶ୍ରମିକ ମାନେ ଭିଡିଓ କନଫରେନସିଙ୍ଗ ଯୋଗେ ଯୋଡି ହୋଇଥିଲେ । ଗଞ୍ଜାମର ନିକି ଆମ୍ବା ଓ କୈଳାଶ ଗଉଡ, କୋରାପୁଟର ସୁରେଶ ବାଖିଆ, ତପନ କୁମାର ନାଗ , କଳାହାଣ୍ଡିର ସିତି ପୂଜାରୀ ଓ ଗଜ ମାଝି ଓ ମୟୂରଭଞ୍ଜରଶିବରାମ ସୋରେନ ଓ ସୁକାନ୍ତି ମୁର୍ମୁ ପ୍ରମୁଖ କେତେ ଜଣ ହିତାଧିକାରୀ ଏହି ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସେମାନଙ୍କର କୃତଜ୍ଞତା ପ୍ରକାଶ କରିଥିଲେ । ଏହି ସହାୟତା କୋଭିଡ ସମୟରେ ସେମାନଙ୍କୁ ବିଶେଷ ସାହାଯ୍ୟ କରିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ(୫ଟି) ଶ୍ରୀ ଭି . କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର , ଉନ୍ନୟନ କମିଶନର , କୃଷି ଉତ୍ପାଦନ କମିଶନର, ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

### ରାଜ୍ୟରେ କରୋନାରେ ଆଉ ....

ଭୁବନେଶ୍ୱରରୁ ୫ ଜଣ ଅଛନ୍ତି । ସେହିପରି ବରଗଡ଼, ଗଞ୍ଜାମ,ମୟୂରଭଞ୍ଜ ଓ ପୁରୀରୁ ୬ ଜଣ ଲେଖାଏଁ ଥିବା ବେଳେ ସମ୍ବଲପୁର ଓ ସୁନ୍ଦରଗଡ଼ରୁ ୫ ଜଣ ଲେଖାଏଁ, କେନ୍ଦୁଝରରୁ ୪, ଢେଙ୍କାନାଳ, କଟକ ଓ ନୟାଗଡ଼ରୁ ୨ ଜଣ ଲେଖାଏଁ ଏବଂ ବୌଦ୍ଧ, ଗଜପତି, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନୂଆପଡ଼ା ଓ ରାୟଗଡ଼ାରୁ ଜଣେ ଲେଖାଏଁ ଅଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୭୩୧କୁ ବୃଦ୍ଧି ପାଇଥିବା ବେଳେ ବରଗଡ଼ରେ ୧୭୮, ଗଞ୍ଜାମରେ ୩୭୦, ମୟୂରଭଞ୍ଜରେ ୧୪୯, ପୁରୀରେ ୨୬୬, ସମ୍ବଲପୁରରେ ୧୩୬, ସୁନ୍ଦରଗଡ଼ରେ ୩୮୯, କେନ୍ଦୁଝରରେ ୮୦, ନୟାଗଡ଼ରେ ୧୨୨, କଟକରେ ୩୦୫, ଢେଙ୍କାନାଳରେ ୯୧, ବୌଦ୍ଧରେ ୮୫, ଗଜପତିରେ ୭୧, ଝାରସୁଗୁଡ଼ାରେ ୧୩୦, କେନ୍ଦ୍ରାପଡ଼ାରେ ୯୪, ନୂଆପଡ଼ାରେ ୭୧ ଓ ରାୟଗଡ଼ାରେ ୧୫୦କୁ ବୃଦ୍ଧି ପାଇଛି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

### ୭ ଜିଲ୍ଲାରେ ପ୍ରବଳ .....

ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ , ଗଜପତି, କେନ୍ଦୁଝର, ମୟୁରଭଂଜ, ଢେଙ୍କାନାଳ, କନ୍ଧମାଳ , ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି । ଏହିସବୁ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

### ଦେଶରେ ମୋଟ ସଂକ୍ରମଣର....

ପରେ ସେଠାରେ ମାସ୍କ ପିନ୍ଧିବା ପୁଣି ବାଧ୍ୟତାମଳୂକ କରାଯାଇଛି । ବାଂଲାଦେଶରେ ରେକର୍ଡ କୋଭିଡ୍ ସଂଖ୍ୟା ଆଉ ମୃତ୍ୟୁ ପରେ ଦେଶରେ ପୁଣି ଲକଡାଉନ ଲାଗିଛି । ୟୁରୋ କପ୍ ୨୦୨୦ ପାଇଁ ଋଷିଆରେ ସଂକ୍ରମଣ ବ୍ୟାପିଲା ତେଣୁ ଫ୍ୟାନ୍ ଜୋନ୍କୁ ବନ୍ଦ ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ୟୁକେରେ ମଧ ୟୁରୋ କପ୍ ୨୦୨୦ର ସାଂଘାତିକ ପ୍ରଭାବ ପଡିଛି । ଦେଶରେ ଦୈନିକ କରୋନା ସଂକ୍ରମଣ ସଂଖ୍ୟା ବଢିଚାଲିଛି । ଆଗାମୀ ଦିନରେ ଏହାର ଆହୁରି ଖରାପ ପ୍ରଭାବ ପଡିବ ବୋଲି ଅନୁମାନ କରାଗଲାଣି । ଏହି ତମାମ ଦିଗ ହିଁ ପ୍ରମାଣିତ କରୁଛି, ଯେଉଁଠି କରୋନା ଗାଇଡଲାଇନର ଖୋଲା ଉଲ୍ଲଂଘନ ହେଉଛି, ସେହି ସ୍ଥାନରେ ସଂକ୍ରମଣ ବ୍ୟାପିବାରେ ଲାଗିଛି । ତେଣୁ ଦେଶ ଦ୍ୱିତୀୟ ଲହରକୁ ମୁକାବିଲା କରୁଥିବା ବେଳେ ନିୟମ ଭାଙ୍ଗୁଥିବା ଲୋକଙ୍କ ପାଇଁ କରୋନାର ତୃତୀୟ ଲହରର ସତର୍କ ଘଂଟି ବଜାଇଛି ସ୍ୱାସ୍ଥ୍ୟ ବିଭାଗ ।

## 'ବି ଏଣ୍ଡ ଏ ପ୍ୟାକେଜିଂ ଇଣ୍ଡିଆ' ପକ୍ଷରୁ 'ମୋ ସ୍କୁଲ ଅଭିଯାନ'କୁ ସହାୟତା




ବାଲେଶ୍ୱର,୦୮/୦୭ (ନି.ପ୍ର): ବାଲଗୋପାଳପୁର ସ୍ଥିତ "ବି ଏଣ୍ଡ ଓ ଏ ପ୍ୟାକେଜିଂ ଇଣ୍ଡିଆ ଲିମିଟେଡ୍" ପକ୍ଷରୁ ରେମୁଣା ସରକାରୀ ଉଚ୍ଚ ବିଦ୍ୟାଳୟକୁ ୧୦ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଅଛି । ସରକାରଙ୍କ ସୁଚିନ୍ତିତ ପ୍ରକଳ୍ପ "ମୋ ସ୍କୁଲ ଅଭିଯାନ" ତଥା ୫ଟି ଅନ୍ତର୍ଗତ ଉକ୍ତ ବିଦ୍ୟାଳୟର ରୂପାନ୍ତରୀକରଣ, ସ୍ମାର୍ଟ ଶ୍ରେଣୀଗୃହ, ବିଦ୍ୟାଳୟର ସୌନ୍ଦର୍ଯ୍ୟୀକରଣ ସହିତ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବାଲେଶ୍ୱର ଜିଲ୍ଲାର ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ, ପ୍ରୋବେସନର ଆଇ.ଏ.ଏସ. ଅଧିକାରୀ କୁନାଲ ଚୌହାନ, ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ରଞ୍ଜନ କୁମାର ଗିରି, ଜିଲ୍ଲା ସଂଯୋଜକ, "ମୋ ସ୍କୁଲ ଅଭିଯାନ" ଡ. ସନ୍ଦୀପ କୁମାର ଖଟୁଆ, କାରଖାନାର ଉପସଭାପତି ଅନୀଲ କୁମାର ମହାନ୍ତି, ସାମାଜିକ ଉନ୍ନୟନ ବିଭାଗର ଉପଦେଷ୍ଟା ମିତା ମହାନ୍ତି, ବାଣିଜ୍ୟ ଏବଂ ପ୍ରଶାସନ ପରିଚାଳକ ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ପରିଚାଳକ ବନମାଳି ଭଞ୍ଜ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଉକ୍ତ ଅର୍ଥରାଶି ବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା । ସାମାଜିକ ଦାୟିତ୍ୱ କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନିର୍ବାହ କରିବାର ପ୍ରତିଶ୍ରୁତିକୁ ପୂରଣ କରିଥିବାରୁ ଏବଂ ଭବିଷ୍ୟତରେ ଅନେକ ଆଶା ଓ ସ୍ୱପ୍ନକୁ ସାକାର କରିବାର ପ୍ରତିଶ୍ରୁତି ଦେଇ ଉକ୍ତ କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବହୁ ପ୍ରଶଂସିତ ହୋଇଥିଲେ । ଉକ୍ତ ବିଦ୍ୟାଳୟକୁ ଜିଲ୍ଲାର ଅଗ୍ରଣୀ ବିଦ୍ୟାଳୟରେ ପରିଣତ କରିବାର ମହତ୍ ଉଦ୍ଦେଶ୍ୟକୁ ସାଧୁବାଦ ଜ୍ଞାପନ କରାଯାଇଥିଲା ।

## ବେଆଇନ କରତକଳ ଉପରେ ଚଢାଉ, ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କାଠଜବତ



ବାଲିଆପାଳ,୦୮/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଭଅଁରେଶ୍ୱର ଠାରେ ଦୀର୍ଘଦିନ ଧରି ଚାଲିଥିବା ବେଆଇନ କରତକଳ ଉପରେ ଆଜି ବାଲେଶ୍ୱର ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅତିରିକ୍ତ ବନ୍ୟସଂରକ୍ଷକ ଶରତ କୁମାରଙ୍କ ନେତୃତ୍ୱରେ ବନବିଭାଗର ଏକ ୫୦ ଜଣିଆ ଟିମ ଚଢାଉ କରିଥିଲେ । ଏହି ଟିମ ଗ୍ୟାସ କଟର ସାହାଯ୍ୟରେ ସମସ୍ତ ଯନ୍ତ୍ରାଂଶକୁ କାଟି ଜବଦ କରିବା ସହିତ ମିଲ ପରିସରରେ ଗଦା ହୋଇ ପଡିଥିବା ୧୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କାର ବେଆଇନ କାଠ ଜବତ କରିଛନ୍ତି । ତେବେ ମିଲ ମାଲିକ ବାବୁଲା ମହାନ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ସୂଚନା ଯୋଗ୍ୟ ଏହି ମାଲିକଙ୍କ ନୁଆଗାଁ ହାଟ ନିକଟରେ ଅନ୍ୟ ଏକ ସମିଲ ରହିଛି । ବାଲିଆପାଳ ବ୍ଲକରେ ରଡେଇ, ବୋଲଂ, ଲଙ୍ଗଳେଶ୍ୱର, କାଳିପଦା, ନିଖିରା, ଦାନ୍ତୁଣିଦା, ବିଷ୍ଣୁପୁର, ବ୍ଲକଛକ ପ୍ରଭୃତି ସ୍ଥାନରେ ୧୫ଟି ବେଆଇନ କରତକଳ ଦୀର୍ଘଦୀନ ଧରି ଚାଲିଆସୁଥିଲା । ବନ ବିଭାଗଅଧିକାରୀ ଙ୍କ ପ୍ରଚ୍ଛନ୍ନ ହାତ ଥାଇ ଏହି କରତ କଳ ଚାଲୁଥିବା ନେଇ ଏହି ମିଲ ମାଲିକ ମାନେ ଗଣମାଧ୍ୟମ ସମ୍ମୁଖରେ ଚା ଲ୍ୟକର ବୟାନ ଦେଇଥିଲେ । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବନବିଭାଗ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଏଭଳି ପଦେକ୍ଷପ ନେଇଥିବା କୁହାଯାଉଛି । ଆଗକୁ ଅନ୍ୟ ସମିଲ ଗୁଡିକ ଉପରେ ଚଢାଉ କରାଯିବ ବୋଲି କହିଥିବା ବେଳେ ତାହା କେତେ କାର୍ଯ୍ୟକାରି ହେଉଛି ଦେଖିବାକୁ ବାକି ରହିଲା । ଆଜିର ଏହି ଚଢାଉ ସମୟରେ ମାଜିଷ୍ଟ୍ରେଟ ଭାବେ ବାଲିଆପାଳ ତହସିଲଦାର ଦୀପକ କୁମାର ଦାସ,ସିଂଲା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ଜଳେଶ୍ୱର ରେଞ୍ଜର,ବାଲିଆପାଳ ଭାରପ୍ରାପ୍ତ ବନଅଧିକାରୀ ପ୍ରକାଶ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

## ଶୌଚ ହେବାକୁ ଆସି ବୁଢାବଳଙ୍ଗ ନଦୀ ସ୍ରୋତରେ ଭାସିଗଲେ ବୃଦ୍ଧ

ବାରିପଦା,୦୮/୦୭ (ନି.ପ୍ର): ଶୌଚ ପାଇଁ ଆସି ବୁଢ଼ାବଳଙ୍ଗ ନଦୀର ସ୍ରୋତରେ ଭାସି ଗଲେ ବୃଦ୍ଧ । ଘଟଣାଟି ଘଟିଛି ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ ପୋଡାଅସ୍ତିଆ ଅଞ୍ଚଳରେ । ପୋଡାଅସ୍ତିଆ ଗ୍ରାମର ମହାଦେବା ସିଂ( ୬୫) ଜୁଲାଇ ୯ ଅପରାହ୍ନରେ ଶୌଚ ହେବାକୁ ନଦୀ କୁ ଆସିଥିବା ବେଳେ ନଦୀ ରେ ଭାସି ଯାଇଥିବା ଜଣାପଡିଛି । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନଦୀରେ ଖୋଜା ଖୋଜି ଆରମ୍ଭ କରୁଛନ୍ତି । ବର୍ତ୍ତମାନ ଯାଏ ବୃଦ୍ଧ ଜଣକୁ ଉଦ୍ଧାର କରାଯାଇ ପାରିନଥିବା ଜଣାପଡିଛି । ଗତକାଲି ଉପର ମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବା କାରଣରୁ ବୁଢାବଳଙ୍ଗ ନଦୀରେ ଜଳସ୍ତର ବଢିଥିଲା । ତେଣୁ ବୃଦ୍ଧ ଜଣକ ପାଣିର ସ୍ରୋତରେ ଭାସି ଯାଇଥିବାର ସନ୍ଦେହ କରାଯାଇଛି ।

## ସରକାରୀ ନଳକୂପରୁ ଗ୍ରାମବାସୀ ପାଣି ପାଉନାହାନ୍ତି

### ବଡିଓଙ୍କ ପାଖରେ ଫେରାଦ



ବାଲିଆପାଳ,୦୮/୦୭ (ନି.ପ୍ର): ବାଲିଆପାଳ ବ୍ଲକ ସାଉଡି ଗ୍ରାମପଞ୍ଚାୟତ ଛୟାଳିଆ ଗ୍ରାମର ସରକାରୀ ନଳକୂପରୁ ଗ୍ରାମବାସୀ ପିଇବା ପାଣି ପାଇପାରୁ ନାହାନ୍ତି । ଏନେଇ ସେମାନେ ଆଜି ବାଲିଆପାଳ ବିଡିଓଙ୍କ ପାଖରେ ଫେରାଦ ଦେଇଛନ୍ତି । ୨୦୦୩ ମସିହାରେ ବାଲିଆପାଳ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଛୟାଳିଆ ଗ୍ରାମର ୧୨ନମ୍ବର ୱାଡର ହିମାଂଶୁ ମହାନ୍ତିଙ୍କ ଜାଗାରେ ଏକ ଚୁକ୍ତିନାମା ଅନୁଯାୟୀ ନଳକୂପ ବସାଇଥିଲେ ।ଗ୍ରାମ୍ୟର ଅଧିକାଂଶ ଲୋକ ସେହି ନଳକୂପରୁ ପିଇବା ପାଣି ନେଉଥିଲେ ।ମାତ୍ର ଏବେ ହିମାଂଶୁ ଗ୍ରାମର ଦଶଟି ପରିବାରକୁ ପାଣି ଦେଉନାହାନ୍ତି ।ଫଳରେ ଦଶଟି ପାରିବାରର ଲୋକେ ବିଶୁଦ୍ଧ ପିଇବା ପାଣି ନପାଇ ହନ୍ତସନ୍ତ ହେଉଛନ୍ତି ।ଏପରିକି କେତେକ ଲୋକ ପୋଖରୀ ପାଣି ପିଇବା ପାଇଁ ବାଧ୍ୟ ହେଉଛନ୍ତି ।ଏବାବଦ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇଥିଲେ ମଧ ସେ କୌଣସି କର୍ଣ୍ଣପାତ କରୁନାହାନ୍ତି ।ଗ୍ରାମର ରଞ୍ଜିତ ମହାନ୍ତି, ଉମେଶ ମହାନ୍ତି, ସନ୍ଧ୍ୟାରାଣି ମାନ୍ନା,କାଞ୍ଚନ ମହାନ୍ତି, ମମତା ମହାନ୍ତି, ରମେଶ ମହାନ୍ତି, ଆଲୋକ ମହାନ୍ତି, ପ୍ରବୀର ମହାନ୍ତି, ବିଶ୍ୱଜିତ ମହାନ୍ତି ପ୍ରମୁଖ ପ୍ରତିକାର ଦାବିକରି ଆଜି ବିଡ଼ିଓ ଙ୍କୁ ଜଣାଇଛନ୍ତି ।ତେବେ ଏନେଇ ହିମାଂଶୁ ଙ୍କୁ ଯୋଗାଯୋଗ କରିବାରୁ ସେ ବ୍ଲକରେ ଟଙ୍କା ଦେଇ ନଳକୂପ ଟିକୁ ତାଙ୍କ ନାମରେ କରିନେଇଛନ୍ତି ।ଏହାକୁ କେନ୍ଦ୍ରକରି ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ତଦନ୍ତ କରି ପଦକ୍ଷେପ ନେବେବୋଲି ବାଲିଆପାଳ ବିଡିଓ ଲଳିତ ସୋରେଙ୍ଗ କହିଛନ୍ତି ।

ବାଲେଶ୍ୱର ଶନିବାର, ୧୦ ଜୁଲାଇ, ୨୦୨୧

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବିଧାନସଭା ପରିସରରେ ଖୋଲିବ ଉନ୍ନତ ମାନର କ୍ୟାଂଟିନ

ଭୁବନେଶ୍ୱର,୦୮/୦୭(ନି.ପ୍ର): ବିଧାନସଭା ପରିସରରେ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମ ତର'ରୁ ଏକ ଉନ୍ନତ ମାନର କ୍ୟାଂଟିନ ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଛି। ଏ ସନ୍ଦ୍ଧାନ୍ତରେ ଶୁକ୍ରବାର ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ର ନିଗମ କର୍ତ୍ତୃପକ୍ଷ ଏବଂ ବିଧାନସଭା ସଚିବଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସୁଲଭ ମୂଲ୍ୟରେ ବିଧାନସଭା କର୍ମଚାରୀ ଏବଂ ପର୍ଯ୍ୟଟକମାନଙ୍କୁ ଉନ୍ନତମାନର ଖାଦ୍ୟ ଯୋଗାଣ ପାଇଁ ନିଗମ ତର'ରୁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରାଯିବ। ବିଧାନସଭା ସଚିବାଳୟ ତର'ରୁ କ୍ୟାଂଟିନ ପାଇଁ ଆବଶ୍ୟକୀୟ ଗୃହ, ଆସବାବ ପତ୍ର, ବାତାନୁକୂଳିତ ଯନ୍ତ୍ରପାତି, ବିଦ୍ୟୁତ ଏବଂ ଜଳ ଯୋଗାଣ ବ୍ୟବସ୍ଥା, ଚେୟାର ଏବ ଟେବୁଲ ଇତ୍ୟାଦି ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ଏତଦ ବ୍ୟତୀତ କ୍ୟାଂଟିନ ପାଇଁ ଷ୍ଟା' ଯଥା ରାନ୍ଧୁଣିଆ, ହୋଟେଲ ବୟ, ପରିଚାରକ, ଝାଡୁଦାର ଇତ୍ୟାଦିଙ୍କ ବାବଦରେ ହେବାକୁ ଥିବା ଖର୍ଚ୍ଚ ମଧ୍ୟ ବିଧାନସଭା ତରଫରୁ ବହନ କରାଯିବ । ପାରମ୍ପରିକ ଉନ୍ନତ ମାନତ ଓଡିଆ ଖାଦ୍ୟ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯିବ ଏବଂ ନିଗମ ଲାଭଖୋର ମନବୃତି ନରଖି ପର୍ଯ୍ୟଟନ ବିକାଶ ଏବଂ ଗୁଣାତ୍ମକ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ନିଗମ ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରକାଶ କରିଛନ୍ତି । ଏକ ବର୍ଷ ପାଇଁ ଏହି ପାଇଲଟ ପ୍ରୋଜେକ୍ଟ ପରୀକ୍ଷାମୂଳକ ଭାବେ ଚାଲିବ ଏବଂ ପରେ ଏହାକୁ ବ୍ୟାପକ କରାଯିବ । ବିଧାନ ସଭା ଅଧିବେଶନ, ବିଧାନ ସଭାର ବିଭିନ୍ନ କମିଟି ବୈଠକ, ବିଧାନ ସଭା କର୍ମଚାରୀ ଓ ପର୍ଯ୍ୟତକମାନଙ୍କୁ ଉନ୍ନତ ମାନର ଖାଦ୍ୟପେୟ ଯୋଗାଇ ଦେବା ସହ ଗୁଣବତା ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯିବ । ଉକ୍ତ ବୈଠକରେ ବିଧାନ ସଭା ସଚିବ ଦାଶରଥି ଶତପଥିଙ୍କ ସମେତ ନିଗମର ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଜଳେଶ୍ୱରରେ ନୂତନ ସିଡିପିଓଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର ୯/୭(ନିପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଆଜି ଶୁକ୍ରବାର ନୂତନ ସିଡିପିଓ ଭାବେ ହୋଇ ନିହାରୀକା ମହାନ୍ତି ଯୋଗ ଦେଇଛନ୍ତି । ସେ ବାରଙ୍ଗରୁ ବଦଳି ହୋଇ ଏଠାକୁ ଆସିବାପରେ କାର୍ଯ୍ୟାଳୟର ମୁଖ୍ୟ ପରିଦର୍ଶିକା ବିନତା ସିଂ, ରାଜେଶ ଭଂଜ, ବୁଦ୍ଧିରାମ ସିଂ, ଅଙ୍ଗନୱାଡି ସଂଘ ନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ, ସବିତା ପରିଡା, ବନଜା ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଳ୍ପନା ଦେ, ଛବିରାଣୀ ପରିଡା, ନମିତା ହୁଇ, ଚନ୍ଦନା ମହାନ୍ତି, ତୃପ୍ତିରାଣୀ ମହାନ୍ତି, ପ୍ରଣିତା ପ୍ରଧାନ, କୁନ୍ତଳା ପାତ୍ର, ସଂଧ୍ୟାରାଣୀ ଜେନା, ମମତା ଦାସମହାପାତ୍ର, ସୁ ଚିତ୍ରା ଆସ, ଚମ୍ପାବତି ନାଗ, ସ୍ୱାଗତିକା ଜେନା, ମିନତୀ ପାଣିଗ୍ରାହୀ, ତାରାରାଣୀ ଜେନା, ସ୍ୱର୍ଣ୍ଣଲତା ପ୍ରଧାନ, ତପସ୍ୱିନୀ ଦାସ, ଜୟଶ୍ରୀ ସିଂହ, କଳ୍ପନା ନନ୍ଦୀ, ମମତା ରାଉତ, ମମତା ସାହୁଙ୍କ ସହିତ ବହୁ କର୍ମୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେ ଜଳେଶ୍ୱରରେ ଆସିଡିଏସ୍‌ର ବାକି ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ସମସ୍ତଙ୍କ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି ।

## ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର,୦୮/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗରେ ବିଜେପି ପକ୍ଷରୁ ସମଗ୍ର ରାଜ୍ୟରେ ପ୍ରତିବାଦ କରାଯାଇଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଶୁକ୍ରବାର ସଦର ବ୍ଲକ ଘେରାଉ କରାଯାଇଥିଲା। ୨୦୨୨ ସୁଦ୍ଧା ଦେଶର କଚ୍ଚାଘରେ ରହୁଥିବା ପ୍ରତ୍ୟେକ ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ କେନ୍ଦ୍ର ସରକାର ଉଦ୍ୟମ ଜାରି ରଖିଥିବା ବେଳେ ବାଲେଶ୍ୱର ସମେତ ଓଡ଼ିଶାରେ ଏଥିରେ ଘୋର ବ୍ୟତିକ୍ରମ ହୋଇଥିବା ବିଜେପି କର୍ମକର୍ତ୍ତାମାନେ ଆରୋପ କରିଥିଲେ। ରାଜ୍ୟର ଶାସକଦଳ ନେତାଙ୍କ ଚାପରେ ବିଭାଗୀୟ ଅଧିକାରୀମାନେ ହିତାଧିକାରୀ ଚୟନରେ ଅନିୟମିତତା କରି ଚାଲିଛନ୍ତି ବୋଲି ବିଜେପି ନେତାମାନେ କହିଛନ୍ତି। ରାଜ୍ୟ ସରକାର ୨୦୧୯ ମସିହାରେ ଯେଉଁ ଜିଓ ଟ୍ୟାଗିଂ ଓ ଘର ସର୍ବେକ୍ଷଣ କରିଥିଲେ ସେଥିରେ ରାଜନୈତିକ ଉଦ୍ଦେଶ୍ୟ କାରଣରୁ ବହୁ ତ୍ରୁଟି ବିଚ୍ୟୁତି ଥିଲା। ଏହି ତ୍ରୁଟି ଯୋଗୁଁ ରାଜ୍ୟରେ ବହୁ ଅଯୋଗ୍ୟ ହିତାଧିକାରୀ ତାଲିକାରେ ସ୍ଥାନ ପାଇଥିଲେ ଏବଂ ପ୍ରକୃତ ଗରିବ ଓ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଥିଲା। ଗତ ଅକ୍ଟୋବର ୨୦୧୯ରେ ତଥ୍ୟ, ପ୍ରମାଣ ସହ ରାଜ୍ୟ ସରକାରଙ୍କୁ ଏହି ବାବଦରେ ଚାଲେଞ୍ଜ୍ କରିବା ପରେ, ସରକାର ବାଧ୍ୟ ହୋଇ ଦୁଇ ରାଉଣ୍ଡ୍ ସର୍ଭେ କରାଇଥିଲେ ଓ ପରବର୍ତ୍ତୀ ସମୟରେ ଫେବୃଆରୀ ମାସରେ ହିତାଧିକାରୀ ତାଲିକା ସାର୍ବଜନୀନ ସହ ପୁଣିଥରେ ଆବେଦନ ଓ ଅଭିଯୋଗ ପତ୍ର ଆହ୍ୱାନ କରିଥିଲେ। ତେବେ ଦୁର୍ଭାଗ୍ୟର ବିଷୟ ଯେ ଅଧ୍ୟାବଧି ଏହି ଅବେଦନ ଓ ଅଭିଯୋଗ ଉପରେ ବ୍ଲକ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନାହାନ୍ତି। ବରଂ ଯେଉଁ ପୁରୁଣା ତ୍ରୁଟିପୂର୍ଣ୍ଣ ତାଲିକା ଥିଲା, ତଦନୁସାରେ କାର୍ଯ୍ୟାଦେଶ ଦେବା ପାଇଁ ରାଜ୍ୟ ସରକାର ଉଦ୍ୟମ ଚଳାଇଛନ୍ତି ବୋଲି ବିଜେପି କର୍ମକର୍ତ୍ତାମାନେ କହିଛନ୍ତି । ଏହି ପ୍ରକ୍ରିୟାକୁ ତୁରନ୍ତ ବନ୍ଦ କରି, ପୁଣିଥରେ ନିରପେକ୍ଷତାର ସହ ଘର ସର୍ଭେ କରିବାକୁ ଓ ଆହୁତ ଆବେଦନ ପତ୍ରର ଯାଞ୍ଚ ପାଇଁ ବିଜେପି ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ବିଜେପି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ସଦର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଆଶିଷ ଘୋଷଙ୍କ ସଂଯୋଜନାରେ ଆୟୋଜିତ ଆଜିର ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା ଏବଂ ଶୁଭଙ୍କର ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ସୁଜିତ ଦେବ ପ୍ରମୁଖଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ।

## ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଶ୍ରୀଜୀଉଙ୍କ ନବଯୌବନ ବେଶ



ବାଲିଆପାଳ,୦୮/୦୭ (ନି.ପ୍ର): ବାଲିଆପାଳରେ ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରରେ ଶ୍ରୀଜୀଉ ମାନଙ୍କର ଆଜି ନବଯୌବନ ବେଶ ହୋଇଛି। ଏଥିପାଇଁ ପ୍ରାତଃହରୁ ଠାକୁର ମାନଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅବକାଶ ନୀତି, ମଙ୍ଗଳ ଆଳତୀ, ବେଶ, ହୋମ ଇତ୍ୟାଦିଅନୁଷ୍ଠିତ ହୋଇଥିଲା।ଗତ ସ୍ନାନପୂର୍ଣ୍ଣିମା ଠାରୁ ତିନି ଠାକୁର ଅଣସର ଘରେ ରହିଥିବା ବେଳେ ଆଜି ସେମାନେ ନବଯୌବନ ବେଶରେ ଦର୍ଶନ ଦେଇଛନ୍ତି। ତେବେ କୋଭିଡ କଟକଣା ଯୋଗୁଁ ଭକ୍ତମାନେ ଏହି ଦୁର୍ଲଭ ଦର୍ଶନରୁ ବଞ୍ଚିତ ହୋଇଛନ୍ତି।ମହାପ୍ରଭୁଙ୍କ ପ୍ରଥମ ସେବକ ତଥା ଟ୍ରଷ୍ଟବୋର୍ଡ ସଭାପତି ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ମୂରଲୀ ମୋହନ ସାହୁ, ପ୍ରଫୁଲ୍ଲ ସାହୁ, ମଧୁସୂଦନ ବାରିକ, ମଧୁସୂଦନ ସାହୁ, ସୁଶାନ୍ତ ଚକ୍ରବର୍ତ୍ତୀ, ପୂଜାପଣ୍ଡା ବିଷ୍ଣୁଦାସ ପାଠୀ, ରବିନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ ଓ ଭୂବନ ପାଣିଗ୍ରାହୀ ପ୍ରମୁଖ ଏହି କାରର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଦିନକରେ ଚିହ୍ନଟ ୧୫୩ କରୋନା ସଂକ୍ରମିତ ଓ ସୁସ୍ଥ ୩୯୭

ବାଲେଶ୍ୱର,୦୮/୦୭ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୫୩ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ସହଦେବଖୁଣ୍ଟାରୁ ୩ଜଣ ଓ ଆଜିମାବାଦରୁ ୨ଜଣଙ୍କ ସମେତ ଅଙ୍ଗାରଗଡ଼ିଆ, ଚୁନଭାଟି, ଦାମୋଦରପୁର, ଗୋପାଳଗାଁ, ଆଇଟିଆଇ ଛକ, ମାକଲପୁର, ମାଣିଖମ୍ବ, ମାନସିଂବଜାର, ମୋତିଗଞ୍ଜ, ରାଣୀପାଟଣା, ସୁନହଟ ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ଦିନକରେ ବାଲେଶ୍ୱର ପୌରାଞ୍ଚଳରେ ମୋଟ ୧୬ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୫୩ଜଣ, ବାଲିଆପାଳରୁ ୪, ବସ୍ତାରୁ ୩, ଭୋଗରାଇରୁ ଜଣେ, ଜଳେଶ୍ୱରରୁ ୩, ଖଇରାରୁ ୧୮, ନୀଳଗିରିରୁ ଜଣେ, ଔପଦାରୁ ୫, ରେମୁଣାରୁ ୧୭, ସଦରରୁ ୨୩ ଓ ସୋର ବ୍ଲକରୁ ୯ଜଣ ବ୍ୟକ୍ତି ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୫,୩୫୩ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୩୯୭ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୩୩,୧୭୮ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୨,୦୩୬ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧,୯୨୮ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୮ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇନଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୩୪ରେ ସ୍ଥିର ରହିଥିବା ସରକାରଙ୍କ ୱେବସାଇଟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଟିକା ଅଭାବରୁ ବାଲେଶ୍ୱରରେ ସାମୂହିକ ଟିକାକରଣ ଏବେ ବନ୍ଦ ରହିଛି। କେବଳ ବାଲେଶ୍ୱର ଓ ନୀଳଗିରି ଜେଲ ସମେତ ଏକ ଘରୋଇ ନର୍ସିଂ ହୋମରେ ୧୭୦ ଜଣଙ୍କୁ ଟିକା ପ୍ରଦାନ କରାଯାଇଛି। ଏବେ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ ମୋଟ ୬,୯୧,୭୨୫ଜଣଙ୍କୁ ଟିକା ଦିଆଯାଇଥିବା ବେଳେ ୫,୩୨,୦୦୯ଜଣ ପ୍ରଥମ ପାନ ଓ ୧,୫୯,୭୧୬ଜଣ ଦ୍ୱିତୀୟ ଡୋଜ ଟିକା ନେଇ ସାରିଥିବା ଜଣାପଡିଛି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୫ ଗିରଫ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୫ ଜଣଙ୍କୁ ଗିରଫ କରା ଯାଇଛି । ୯୭୩ ଗାଡିକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨ ଲକ୍ଷ ୬୫ ହଜାର ୨୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୭୦ ୟୁନିଟ ରକ୍ତ ସଂଗ୍ରହ

ଭୁବନେଶ୍ୱର,୦୮/୦୭ (ନି.ପ୍ର): ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ୫୭୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି । ଏହି ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର କୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ମୋ ପରିବାର ର ଆବାହକ ଅରୂପ ପଟ୍ଟନାୟକ, ରାଜ୍ୟସଭା ସାଂସଦ ଅମର ପଟ୍ଟନାୟକ,ବିଧାୟକ ଦେବୀ ପ୍ରସାଦ ମିଶ୍ର,ଅତନୁ ସବ୍ୟସାଚୀ ନାୟକ, ସୁଶାନ୍ତ ରାଉତ, ଅନନ୍ତ ନାରାୟଣ ଜେନା,ଜୀବନ ବିନ୍ଦୁ ଏକାମ୍ର ଆବାହକ ଅଶ୍ୱିନୀ ସୁନ୍ଦରାୟ,ଭୁବନେଶ୍ୱର ବିଜୁ ଯୁବଜନତା ଦଳ ସଭାପତି ସମରେଶ-ବେଉରା, ପୂର୍ବତନ ଡେପୁଟି ମେୟର କେ ଶାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

### ବେଆଇନ ଗୋ-ଚାଲାଣ ରୋକିବାରେ ରାଜ୍ୟ ସରକାର ଓ ପୋଲିସ ବିଫଳ




ବାରିପଦା,୦୮/୦୭ (ନି.ପ୍ର): ରାଜ୍ୟରେ ଚାଲିଥିବା ମାତ୍ରାଧିକ ବେଆଇନ ଗୋ-ଚାଲାଣ ରୋକିବାରେ ସରକାର, ପ୍ରସାଶନ ତ ଥା ପୋଲିସ ବାରମ୍ବାର ବିଫଳ ହେଉଥିବାର ଅଭିଯୋଗ କରିବା ସହିତ କେଶରୀୟା ହିନ୍ଦୁ ବାହିନୀର କାର୍ଯ୍ୟକର୍ତ୍ତାଙ୍କୁ ଗୋଚାଲାଣ ରୋକିବା ବେଳେ ହେଉଥିବା ବାରମ୍ବାର ଆକ୍ରମଣ ବିରୋଧରେ ଆଜି ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ମ୍ୟାରେଜ ପ୍ୟାଲେସ,ପାଲବଣି ଠାରେ ଓଡିଶା ପ୍ରଦେଶ ଅଧକ୍ଷ ଶ୍ରୀ ସନ୍ତୋଷ ଭୋଳଙ୍କ ଅଧକ୍ଷତାରେ, ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍ଥାପକ ଶ୍ରୀ ଅତୁଳ ମିଶ୍ରା, ମୁଖ୍ୟ ବକ୍ତା ଭାବେ ଓଡିଶା ପ୍ରଦେଶର ରାଜ୍ୟ ସଭାପତି ଶ୍ରୀ ସନ୍ତୋଷ ଭୋଳ, ରାଷ୍ଟ୍ରୀୟ ସମ୍ପାଦକ ଶ୍ରୀ ଦିଲ୍ଲୀପ ଦାସ,ସୂଚନା ପ୍ରମୁଖ ନିତୁ ଗୁପ୍ତାଜୀ, ରାଷ୍ଟ୍ରୀୟ ପ୍ରଭାରୀ ଶ୍ରୀମତୀ ଗୀତାଞ୍ଜଳି ଦାସ, ରାଜ୍ୟ ସମ୍ପାଦକ ଅବନୀପତି, ଜିଲ୍ଲା ସଭାପତି ଶ୍ରୀମତୀ ହେମଲତା ଦାସ,ଜିଲ୍ଲା ମହିଳା ଉପ ସଭାପତି ଶ୍ରୀମତୀ ମମତା ମଣ୍ଡଳ ପ୍ରମୁଖ ଉପସ୍ଥିତ ରହି ଗୋ ସୁରକ୍ଷା ପାଇଁ କେଶରିଆ ହିନ୍ଦୁ ବାହିନୀ ତାର ଆନ୍ଦୋଳନ ଜାରୀ ରଖିବ ବୋଲି କୁହା ଯାଇଛି । ଜିଲ୍ଲାର ଉଦଳା ଥାନା ଅଂଚଳରେ କିଛି ଦିନ ତଳେ ଗୋଚାଲାଣ ଚାଲିଥିବା ବେଳେ ପୋଲିସ ଉପସ୍ଥିତିରେ ସଂଗଠନର କର୍ମକର୍ତ୍ତାଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ ମଧ ଜଣାଇଥିଲେ । ଏହି ଅବସର ରେ ନୂତନ ସଦସ୍ୟ ଭାବେ ମନୋନୀତ ହୋଇଥିବା ନିତ୍ୟସିଦ୍ଧ ନାୟକ ଓ ପୃଥିବୀରାଜ ସାହୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା । ବାହିନୀର ମୟୂରଭଞ୍ଜ ଜିଲ୍ଲା ସଙ୍ଗଠନ ମନ୍ତ୍ରୀ ସୁବ୍ରତ ମୁଖୀ ତଥା ଅନ୍ୟାନ୍ୟ କର୍ମକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରବିବାର ରାତିରୁ ମଙ୍ଗଳବାର ରାତି ପର୍ଯ୍ୟନ୍ତ ପୁରୀ ସହରରେ କର୍ଫ୍ୟୁ

ପୁରୀ,୦୮/୦୭ (ନି.ପ୍ର): କୋଭିଡ୍ କଟକଣା ମଧ୍ୟରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସମ୍ପନ୍ନ କରିବା ଲାଗି ବ୍ୟାପକ ପ୍ରସ୍ତୁତି ଚାଲିଛି। ରଥଯାତ୍ରା ଲାଗି ରବିବାର ରାତି ୮ଟାରୁ ମଙ୍ଗଳବାର ରାତି ୮ଟା ପର୍ଯ୍ୟନ୍ତ ପୁରୀ ସହରରେ କର୍ଫ୍ୟୁ ଜାରି କରାଯିବ। ତେବେ ପୁରୀସହରର ଜନସାଧାରଣଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଶନିବାର ସଟଡ଼ାଉନ୍ କଟକଣାକୁ କୋହଳ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ପ୍ରଦତ୍ତ ନିର୍ଦ୍ଦେଶ ନାମାରେ କୁହାଯାଇଛି। ମହାପ୍ରଭୁଙ୍କ ରଥ ଯାତ୍ରା ସୁରୁଖୁରୁରେ ସମ୍ପନ୍ନ ହେବା ଲାଗି ସମସ୍ତ ସେବାୟତମାନେ ଉଦ୍ୟମ କରୁଛନ୍ତି। ସେବାୟତମାନଙ୍କ ମଧ୍ୟରେ ଉତ୍ସାହ ରହିଛି।

## ଶିକ୍ଷୟିତ୍ରୀ ବ୍ୟକ୍ତିଗତ ଉଦ୍ୟମରେ ରିକ୍ସା ଚାଳକଙ୍କୁ ରେସନ ବାଣ୍ଟିଲେ



ବାଲିଆପାଳ,୦୮/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଡାଙ୍ଗରପଦା ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟର ଜଣେ ସହକାରୀ ଶିକ୍ଷୟତ୍ରୀ ମାମିଲତା ବେହେରା ନିଜ ବ୍ୟକ୍ତିଗତ ଉଦ୍ୟମରେ ଆଜି ଅସ୍ତି ପଞ୍ଚାୟତର ଗରିବ ରିକ୍ସା ଚାଳକଙ୍କୁ ଏକମାସର ରେଶନ ସାମଗ୍ରୀ ବଣ୍ଟନ କରିଛନ୍ତି।କୋଭିଡ କଟକଣା ଯୋଗୁଁ ଏହି ସବୁ ରିକ୍ସା ଚାଳକ ମାନଙ୍କ ଜୀବିକା ଉଜୁଡି ଯାଇଥିଲା। ସେମାନଙ୍କ ପରିବାର ଦୀର୍ଘଦିନ ହେବ ନାନାଦି ଦୁଃଖଦୈନ୍ୟରେ କାଳାତିପାତ କରୁଥିଲେ।ରିକ୍ସା ଚାଳକ ଗଙ୍ଗାଧର ଗିର, ଗୁନାକର ଜେନା, ଉମାକାନ୍ତ ଜେନା, ଗଦାଧର ଜେନା, ଅକ୍ଷୟ ଜେନା, କାର୍ତ୍ତିକ ଧଳ,ଜୟନ୍ତ ବେହେରା, ତପନ ଜେନା, ବସନ୍ତ ମୁଖୀ, ରତ୍ନାକର ମୁଖୀ ପ୍ରମୁଖଙ୍କୁ ଚାଉଳ, ଡାଲି, ଅଟା, ଖାଇବା ତେଲ, ମସଲା, ଲୁଣ, ସାବୁନ, ମହମବତୀ ଆଦି ବିଭିନ୍ନ ସାମଗ୍ରୀ ଶିକ୍ଷୟିତ୍ରୀ ମାମିଲତା ବେହେରା ବଣ୍ଟନ କରିଛନ୍ତି।ଆଗାମୀ ଦିନରେ ନିଜ ସାଧ୍ୟ ମତେ ଅଧିକ ଗରିବ ଲୋକଙ୍କୁ ରେଶନ ବାଣ୍ଟିବେ ବୋଲି ସେ କହିଛନ୍ତି।ପୂର୍ବରୁ ଶିକ୍ଷୟିତ୍ରୀ ମାମିଲତା ସ୍ଥାନୀୟ ଅଞ୍ଚଳର ବହୁ ଗରିବ ଲୋକଙ୍କୁ ନିଜର ସାଧ୍ୟମତେ ବାହାଘର, ରୋଗବ୍ୟାଧିରେ ପଡିଥିବା ଲୋକ ଗରିବ ଛାତ୍ରଛାତ୍ରୀ ମାନଙ୍କୁ ପାଠପଢ଼ା ପାଇଁ ବହିପତ୍ର ପୋଷାକ ପତ୍ର ଇତ୍ୟାଦି ବଣ୍ଟନ କରିଆସିଛନ୍ତି।ଏଥିରେ ତାଙ୍କର ସ୍ୱାମୀ ସମ୍ବାଦିକ ପ୍ରତାପ କୁମାର ପାତ୍ର ଏବଂ ପୁତ୍ର ଜ୍ୟୋତିରାଦିତ୍ୟ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜରୁରୀ ବୈଠକ



ଭଦ୍ରକ,୦୮/୦୭ (ନି.ପ୍ର): ଶ୍ରୀ ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଏକ ଜରୁରୀ ବୈଠକ ଏଲଖା ସ୍ଥିତ ପ୍ରଚାର ସମିତି ମୁଖ୍ୟ ପରିଚାଳକ ପଣ୍ଡିତ ଭାଗିରଥୀ ନନ୍ଦଶର୍ମାଙ୍କ ବାସ ଭବନରେ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ସମିତିର ଆଗାମୀ ଦିନ ନିମନ୍ତେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଗୃହିତ ହୋଇଛି। ପଣ୍ଡିତ ନନ୍ଦଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପ୍ରଥମ ବିଗତ ବୈଠକର ବିବରଣୀ ପାଠ କରାଯାଇ ଗୃହିତ ହୋଇଥିଲା। ପରେ ବିଭିନ୍ନ ଉନ୍ନତି ମୂଳକ ଆଲୋଚନା ପରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ୩ଜଣ ଓଡ଼ିଆ ମନ୍ତ୍ରୀ ମଣ୍ଡଳରେ ବିଭିନ୍ନ ବିଭାଗରେ ଦାୟିତ୍ୱ ବହନ କରିବା ଅତ୍ୟନ୍ତ ଗୌରବର ବିଷୟ। ଉକ୍ତ ୩ ମନ୍ତ୍ରୀଙ୍କୁ ସମିତି ପକ୍ଷରୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ ନିମନ୍ତେ ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି। ଏହି ବୈଠକେର ଧାମନଗର ବିଧାୟକ ବିଷ୍ଣୁ ଚରଣ ସେଠୀଙ୍କ ଆଶୁ ଆରୋଗ୍ୟ କାମନା କରାଯିବା ସହ ଜଗନ୍ନାଥଙ୍କଠାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ସେହିପରି ଆସନ୍ତ ରଥଯାତ୍ରର କରୋନା କଟକଣାରେ ପାଳନ ପାଇଁ ସମସ୍ତ ମନ୍ଦିରର ପରିଚାଳକ ଓ ସେବକଙ୍କୁ ଅନୁରୋଧ କରାଯାଇଥିଲା। ପ୍ରଚାର ସିମିତିର ଆଗାମୀ ବାର୍ଷିକ ନେତ ଉତ୍ସବରେ ସମିତିର ମୁଖପତ୍ର 'ନୀଳକନ୍ଦର' ପ୍ରକାଶ ପାଇଁ ଅନୁଭୂତି ମୂଳକ ଲେଖା ସଂଗ୍ରହ କାର୍ଯ୍ୟ ସେପ୍ଟେମ୍ବର ମାସ ସୁଦ୍ଧ ଶେଷ କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ପୁରୀ ଶ୍ରୀକ୍ଷେତ୍ର ରଥଯାତ୍ରା କୋଭିଡ଼ କଟକଣାରେ ପାଳନ ହେବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ସ୍ୱାଗତ କରାଯିବା ସହ ରାଜ୍ୟ ସରାକରଙ୍କୁ ସାଧୁବାଦ ଅର୍ପଣ କରାଯାଇଥିଲା।

## ହାଇତି ରାଷ୍ଟ୍ରପତି ଜୋଭେନେଲ ମୋଇଜଙ୍କ ହତ୍ୟା ଘଟଣାରେ ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୮/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ହାଇତିର ରାଷ୍ଟ୍ରପତି ଜୋଭେନେଲ ମୋଇଜଙ୍କ ହତ୍ୟା ଓ ପ୍ରଥମ ମହିଳା ମାର୍ଟିନ ମୋଇଜଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି । ଏ ନେଇ ଟ୍ୱିଟ୍ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ''ହାଇତିର ରାଷ୍ଟ୍ରପତି ଜୋଭେନେଲ ମୋଇଜଙ୍କ ହତ୍ୟା ଏବଂ ପ୍ରଥମ ମହିଳା ମାର୍ଟିନ ମୋଇଜଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ମୁଁ ଅତ୍ୟନ୍ତ ଦୁଃଖୀ । ରାଷ୍ଟ୍ରପତି ମୋଇଜଙ୍କ ପରିଜନ ଏବଂ ହାଇତିର ନାଗରିକଙ୍କ ପ୍ରତି ମୋର ଗଭୀର ସମବେଦନା ।

## ବିଜେପି ପକ୍ଷରୁ ବାରିପଦା ବ୍ଲକ ଘେରାଓ ଓ ଦାବିପତ୍ର ପ୍ରଦାନ

### ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଣ ଦାବିରେ ବିକ୍ଷୋଭ



ବାରିପଦା,୦୮/୦୭ (ନି.ପ୍ର): ସାରାଦେଶରେ ଗରୀବ ଲୋକ ମାନଙ୍କୁ ପକ୍କାଘର ଯୋଗାଇ ଦେବା ଲକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓଡିଶାରେ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରେ ଫେଲ ମାରିଥିବାର ଅଭିଯୋଗ ଆଣିଛି ବିଜେପି । ରାଜ୍ୟସରକାର ତଥା ଜିଲ୍ଲା ସ୍ତରୀୟ ଏବଂ ସ୍ଥାନୀୟ ସରକାରୀ ଅଧିକାରୀ ଓ ଜନ ପ୍ରତିନିଧି ମାନେ ହିତାଧିକାରୀ ଚୟନରେ ବ୍ୟାପକ ଦୂର୍ନିତୀ ତଥା ପ୍ରିୟାପ୍ରିତି ତୋଷଣ ଏବଂ ପିସି କାରବାର କରି ଯୋଗ୍ୟ ଲୋକଙ୍କୁ ଛାଡି ବେଶୀ ଅଯୋଗ୍ୟ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ପ୍ରଦାନ କରିଥିବାରୁ ସରକାରଙ୍କ ଯୋଜନା ପଛରେ ରହିଥିବା ବାସ୍ତବ ଉଦେଶ୍ୟ ଫଳବତୀ ହୋଇପାରୁ ନଥିବାର ଅଭିଯୋଗ କରି ଆଜି ଜିଲ୍ଲା ବିଜେପି ପକ୍ଷରୁ ବାରିପଦା ବ୍ଲକ ପରିସର ରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ମହାମହିମ ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ଦାବୀପତ୍ର ବିଡିଓଙ୍କ ମାଧମରେ ପ୍ରଦାନ କରାଯାଇଛି । ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ମଣ୍ଡଳ ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ଦେବ, ସଭାପତି ରତିକାନ୍ତ ମହାନ୍ତ ପ୍ରମୁଖ ବହୁ ବିଜେପି ନେତା ଓ କର୍ମୀ ରାଜ୍ୟ ସରକାର ବିରୋଧୀ ସ୍ଲୋଗାନ ମାନ ଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବାସଗୃହ ପ୍ରକୃତ ହିତାଧିକାରୀ ମାନଙ୍କୁ ଯୋଗାଇ ଦେବାକୁ ଦାବୀ କରିଥିବାର ଦେଖା ଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo